୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.263 Bhubaneswar Sunday December 01 2024 | ୨୬ତମ ବର୍ଷ ସଂଖ୍ୟା-୨୬୩ ଭୁବନେଶ୍ୱର, ରବିବାର, ଡିସେମ୍ବର ୦୧, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ମିଶନ-୩୬, ଆଉ ଭିଜନ-୩୬ ପାଇଁ ବାଟ ବତାଇଲେ ମୋଦି

ଭୁବନେଶ୍ୱର,୩୦ ।୧୧(ପି.ଏନ): ଚର୍ଚ୍ଚାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଠଶାଳା । ହସି ହସି କହିଲେ ମଞ୍ଜି କଥା । ସାଧାରଣ କାର୍ଯ୍ୟକର୍ତ୍ତାରୁ ଦେଶର ପ୍ରଧାନମନ୍ତ୍ରୀ ଯାଏଁ ଯାତ୍ରା । ରାଜନୈତିକ ଜୀବନୀର କାହାଣୀ କହି ଦେଲେ ଗୁରୁମନ୍ତ୍ର । ମିଶନ-୩୬, ଆଉ ଭିଜନ-୩୬ ପାଇଁ ବାଟ ବତାଇଲେ ମୋଦି । ଝିଅ-ବୋହୂ ଉଦାହରଣ ଦେଇ ଆଚରଣ ଉଚ୍ଚାରଣ ସଜାଡିବାକୁ ପରାମର୍ଶ ଦେଇଥିଲେ ।ଶୁକ୍ରବାର ସଂଧ୍ୟାରେ ପ୍ରାୟ ଦୁଇ ଘଣ୍ଟା ଧରି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଧାୟକ, ସାଂସଦ, ମନ୍ତ୍ରୀ ଓ ରାଜ୍ୟ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ ପ୍ରଧାନମନ୍ତ୍ରୀ । କହିଥିଲେ, କାର୍ଯ୍ୟକର୍ତ୍ତା ଓ ଲୋକଙ୍କ ସହ ଯୋଡି ହୋଇ ରୁହ । ଅଭିଯୋଗ ଶୁଣ । ଏମିତିକି ତୁମକୁ ଭୋଟ୍ ଦେଇନଥିବା ଲୋକଙ୍କ କଥା ମଧ୍ୟ ବୁଝ । ଟ୍ରାନ୍ସଫର ବଦଳିକୁ ଗୁରୁତ୍ୱ ନଦେଇ ଲୋକଙ୍କ କାମରେ ମନ ଦିଅ । ଫୋନ୍‌ରେ କାହାକୁ ଗାଳି ଦିଅନି । ସଂଯମତା ରଖ । ଗାଳି ଦେଲେ, ଚିଡ଼ିଲେ ସୁଶାସନ ହୁଏନି ବୋଲି ମୋଦି କହିଥିଲେ ।



## ମଣିପୁର ହିଂସା: ଥାନା ଓ ବିଧାୟକଙ୍କ ବାସଭବନରେ ଜଳାପୋଡ଼ା ଘଟଣାରେ ୮ ଗିରଫ

ଭୁବନେଶ୍ୱର,୩୦ ।୧୧(ପି.ଏନ): ମଣିପୁରରେ ଜାତିଗତ ବିବାଦ ଏବଂ ହିଂସା ଥମିବାର ନାଁ ଧରୁନି । ରାଜ୍ୟରେ ସାମ୍ପ୍ରତିକ ହିଂସା ମଧ୍ୟରେ ଥାନା ଏବଂ ବିଧାୟକଙ୍କ ବାସଭବନ ଉପରେ ଆକ୍ରମଣ ଅଭିଯୋଗରେ ୮ ଜଣଙ୍କୁ ଗିରଫ କରାଯାଇଥିବା ଶନିବାର ଏକ ବିବୃତ୍ତିରେ କହିଛି ପୁଲିସ । ରାଜ୍ୟରେ ଏକାଧିକ ହିଂସାତ୍ମକ ଘଟଣାରେ ଏହି ୮ ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ପୁଲିସ କହିଛି । ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ପୁଲିସ ସୂଚନା ଦେଇଛି ।ପୁଲିସର ସୂଚନା ଅନୁସାରେ, ନଭେମ୍ବର ୨୮ (ଗୁରୁବାର) ଦିନ ଇମ୍ଫାଲ ପଶ୍ଚିମ ଜିଲ୍ଲାର ପାଟସୋଇ ଥାନା ଅଞ୍ଚଳର ଚୋଂଗଥମ ଥୋଇବା (୨୦)ଙ୍କୁ ଗିରଫ



କରାଯାଇଛି । ଗତ ନଭେମ୍ବର ୧୬ରେ ହୋଇଥିବା ହିଂସାରେ ନିର୍ବାଚିତ ପ୍ରତିନିଧିଙ୍କ ସମ୍ପତ୍ତି ଜାଳିଦେବା ଅଭିଯୋଗରେ ଥୋଇବାଙ୍କୁ ଗିରଫ କରାଯାଇଛି । ପୁଲିସ କହିଛି ଯେ ଏହି ଆକ୍ରମଣ ପରେ ସେହି ଅଞ୍ଚଳରେ ଉତ୍ତେଜନା ବଢ଼ିଥିଲା । ଏହା ବ୍ୟତୀତ ନଭେମ୍ବର ୨୭ରେ, କାକଚିଂଗ୍ ଥାନା ଏବଂ ଏହାର ଅଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣରେ ସଂପୃକ୍ତ ଥିବା ୭ ଜଣଙ୍କୁ ଗିରଫ କରାଯାଇଛି । ଏହି ହିଂସାତ୍ମକ ଆକ୍ରମଣ ସ୍ଥାନୀୟ ସମ୍ପ୍ରଦାୟ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ବ୍ୟାପକ ସଂଘର୍ଷର ଏକ ଅଂଶ ବୋଲି ପୁଲିସ କହିଛି ।

## ଆଳୁ ବିବାଦକୁ ନେଇ ଯୋଗାଣ ମନ୍ତ୍ରୀଙ୍କ କଡା ଆଭିମୁଖ୍ୟ, 'ପଶ୍ଚିମବଙ୍ଗଠୁ ଆଉ ମାଗିବୁନି'

ଭୁବନେଶ୍ୱର,୩୦ ।୧୧(ପି.ଏନ): ପୁଣି ରାଜ୍ୟରେ ଆଳୁସଙ୍କଟ ଭଳି ପରିସ୍ଥିତି ଉପୁଜିଛି । ଦରରେ ଅହେତୁକ ବୃଦ୍ଧି ହୋଇଛି । ପଶ୍ଚିମବଙ୍ଗରୁ ଆଳୁ ଟ୍ରକ ନଆସିବା କାରଣରୁ ଦାମ୍ ବୃଦ୍ଧି ପାଉଛି । ଭୁବନେଶ୍ୱରର ବିଭିନ୍ନ ବଜାର ଉପରେ ଏହାର ପ୍ରଭାବ ପଡିଛି । କିଛି ସ୍ଥାନରେ କେଜି ପିଛି ୪୦ରୁ ୫୦ ଟଙ୍କା ବିକ୍ରି ହେଉଛି । ଏହାରି ଭିତରେ ଯୋଗାଣ ମନ୍ତ୍ରୀ ବଡ ବୟାନ ଦେଇଛନ୍ତି । ପଶ୍ଚିମବଙ୍ଗକୁ ଓଡିଶା ଆଳୁ ମାଗିବନି ବୋଲି ମନ୍ତ୍ରୀ କହିଛନ୍ତି । ପଶ୍ଚିମବଙ୍ଗରୁ ଆଉ ଆଳୁ ଓଡିଶା ଆସିବ ନାହିଁ ।ମନ୍ତ୍ରୀ କୃଷ୍ଣଚନ୍ଦ୍ରଙ୍କ କହିବା ଅନୁସାରେ, "ଆମେ ଆଉ ପଶ୍ଚିମବଙ୍ଗକୁ ଆଳୁ ମାଗିବୁ ନାହିଁ ।



ଉତ୍ତରପ୍ରଦେଶରୁ ଆଜି ଓଡିଶାକୁ ଯଥେଷ୍ଟ ଆଳୁ ଆସିଛି । ଉତ୍ତରପ୍ରଦେଶରେ ଆଳୁ ୨୨ ଟଙ୍କାରେ ବିକ୍ରି ହେଉଛି ଏବଂ ଭଡା ୪ ଟଙ୍କା ରହିଛି । ମମତା ସରକାରଙ୍କ ସହିତ ଆଲୋଚନା କରିବା ପାଇଁ ସଚିବଙ୍କ ସହିତ କଥା ହେଉଛି । ଆଳୁ ଦେବା ପାଇଁ ନବୀନ ବାବୁ ମନା କରିଥିବେ । ବର୍ଷ ? ଭିତରେ ଆମ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ଆଳୁ ମିଳିବ । ଆଉ ଦେଢ ବର୍ଷ ପରେ ଆଳୁ ପାଇଁ ଆମେ କୌଣସି ରାଜ୍ୟ ଉପରେ ନିର୍ଭରଶୀଳ ହେବୁ ନାହିଁ । ବାଲେଶ୍ୱର ଦେଇ ପଶ୍ଚିମବଙ୍ଗକୁ ମାଛ ଯାଉଛି । ଆମେ ଚାହିଁଲେ ୨ ମିନିଟରେ ମାଛ ଗାଡିକୁ ବନ୍ଦ କରିଦେବୁ । ସବୁ ରାଜ୍ୟ ମିଳିମିଶି ଚଳିବା ଉଚିତ ।

## ବାଲୁକା କଳା ଉତ୍ସବ ପାଇଁ ସଜେଇ ହେଉଛି ଚନ୍ଦ୍ରଭାଗା ବେଳାଭୂମି



ଭୁବନେଶ୍ୱର,୩୦ ।୧୧(ପି.ଏନ): ରାତି ପାହିଲେ ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜନ ହେବ ୧୪ତମ ଆନ୍ତର୍ଜାତୀକ ବାଲୁକା କଳା ଉତ୍ସବ । ସେଥିପାଇଁ ସଜେଇ ହୋଇଛି ଚନ୍ଦ୍ରଭାଗା । ଚକାଚକ୍ ହୋଇଛି ରାସ୍ତା ଘାଟ । ଆଉ ବେଳାଭୂମିରେ ପ୍ରତିଯୋଗୀଙ୍କ ପାଇଁ ଗଦା ହୋଇଛି ବାଲି । ଚଳିତବର୍ଷ ୮ ଜଣ ବିଦେଶୀ ବାଲୁକା ଶିଳ୍ପୀ ସାମିଲ୍ ହେବେ । ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଡିସେମ୍ବର ୧ ତାରିଖଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଚନ୍ଦ୍ରଭାଗାର ସ୍ୱର୍ଣ୍ଣାଭ ବେଳାଭୂମିରେ ଆୟୋଜିତ ହେବାକୁ ଯାଉଛି ୧୪ତମ ଆନ୍ତର୍ଜାତୀକ ବାଲୁକା କଳା ଉତ୍ସବ । ସେଥିପାଇଁ ଚନ୍ଦ୍ରଭାଗା ବେଳାଭୂମି ବେଶ ଉତ୍ସବ ମୁଖର ହୋଇଛି । ଦେଶ ବିଦେଶର ବାଲୁକା କଳା ଶିଳ୍ପୀମାନେ ଆସିଲେଣି । ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଓ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା ବିଦେଶୀ ଶିଳ୍ପୀମାନଙ୍କୁ ସ୍ୱାଗତ କରିଛନ୍ତି । ପର୍ଯ୍ୟଟନ ବିଭାଗର ଭବ୍ୟ ଆୟୋଜନ ଓ ଚନ୍ଦ୍ରଭାଗାର ବାଲୁକା ରାଶି ଦେଖି ଭାବବିହ୍ୱଳ ହୋଇଛନ୍ତି ଦେଶ ବିଦେଶର ବାଲୁକା ଶିଳ୍ପୀ ।

## ଭୁବନେଶ୍ୱର,୩୦ ।୧୧(ପି.ଏନ):ସମୀର ଦେ'ଙ୍କ ଶୋକ ସଭାରେ ଜୟନାରାୟଣ ମିଶ୍ରଙ୍କ ବିସ୍ଫୋରକ ବୟାନ

ନିଜ ଦଳ ବିରୋଧରେ ବିଷ ଉଗାରିଲେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର । ଭୁବନେଶ୍ୱରରେ ସମୀର ଦେ'ଙ୍କ ସ୍ମୃତି ସଭାରେ ଯୋଗ ଦେବା ଅବସରରେ କହିଲେ ସାଂଘାତିକ କଥା । ସମୀର ଦେ'ଙ୍କ ସହିତ ଯାହା ଘଟିଥିଲା, ତାଙ୍କ ସହିତ ତାହା ଘଟିଛି ବୋଲି ସେ କହିଛନ୍ତି । ଜୟନାରାୟଣ କହିଛନ୍ତି, ଦୁଇ ଜଣ ଯାକ ଏବିଭିପିରେ ଥିଲୁ । ଦୁହେଁ ଏବିଭିପିରୁ ତଡା ଖାଇଥିଲୁ । ମୁଁ ବିଜେପିରୁ ବି ତଡା ଖାଇଛି । ସ୍କୁଲରୁ ଦୁଇ ତିନି ଥର ତଡା ଖାଇଛି । କଲେଜରୁ ୪/୫ ଥର ତଡା ଖାଇଛି । ମୁଁ ତଡା ଖିଆ ଲୋକଟିଏ । ସବୁ ଜାଗାରୁ ମୁଁ ତଡା ଖାଏ । ବିଜେପିରୁ ଏବେ ବି ମୁଁ ସାଇଡ୍ ଲାଇନ୍ ହୋଇ ରହିଛି । ଏଇଟା ମୋ ଜୀବନର ଏକ ଅଙ୍ଗ । ଏଇଟା ସମୀର ଦେ'ର ବି । ସମୀର ଦେ'ଙ୍କୁ ପାର୍ଟି ଯେତିକି ଗୁରୁତ୍ୱ ଦେବା କଥା, ସେତିକି ଦେଇନି । କଟକରେ ତାଙ୍କ ବିରୋଧରେ ଲୋକ ଲଗା ଗଲା । ମୋ ବିରୋଧରେ ଆଜି ପର୍ଯ୍ୟନ୍ତ ଲୋକ ଲଗାଯାଇଛି । ମୋ ବିରୋଧରେ ଜଣେ ଲୋକ ନିଶ୍ଚିତ ଭାବେ ରହିବ । ଏଇଟା ପାର୍ଟିର ଯୋଜନାବଦ୍ଧ କାର୍ଯ୍ୟକ୍ରମ ।

## ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା ପୂର୍ବରୁ ବଡ ସୂଚନା ଦେଲେ ଅଜିତ ପାୱାର



ଭୁବନେଶ୍ୱର,୩୦ ।୧୧(ପି.ଏନ): ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ଡିସେମ୍ବର ୫ ତାରିଖରେ ଶପଥ ନେବେ ବୋଲି ଘୋଷଣା କରାଯାଇଛି । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯାଇନାହିଁ । ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା ପୂର୍ବରୁ ମହାଯୁତି ମେଣ୍ଟର ସାମିଲ ଏନ୍‌ସିପିର ନେତା ଅଜିତ ପାୱାର ଦେଇଛନ୍ତି ବଡ ବୟାନ । ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ବିଜେପିରୁ ଜଣେ ହେବେ । ମେଣ୍ଟ ଦଳଗୁଡିକୁ ଉପ-ମୁଖ୍ୟମନ୍ତ୍ରୀ ପଦ ମିଳିବ । ଅଜିତ କହିଛନ୍ତି, ବୈଠକରେ (ଦିଲ୍ଲୀରେ ଅନୁଷ୍ଠିତ ମହାଯୁତି ବୈଠକ) ନିଷ୍ପତ୍ତି ହୋଇଥିଲା ଯେ ମହାଯୁତି ସରକାର ଗଠନ କରିବ । ମୁଖ୍ୟମନ୍ତ୍ରୀ ପଦ ବିଜେପି ପାଖରେ ରହିବ । ଅନ୍ୟ ଦୁଇ ଦଳ ଉପ-ମୁଖ୍ୟମନ୍ତ୍ରୀ ପଦ ପାଇବେ । ସରକାର ଗଠନ କରିବାରେ ବିଳମ୍ବ ହେବାରେ ଏହା ପ୍ରଥମ ଘଟଣା ନୁହେଁ । ୧୯୯୯ ମସିହାରେ ସରକାର ଗଠନ ପାଇଁ ଏକ ମାସ ଲାଗି ଯାଇଥିଲା । ଅଜିତ ପାୱାରଙ୍କ ଏହି ମନ୍ତବ୍ୟରୁ ସ୍ପଷ୍ଟ ହୋଇଯାଇଛି ଯେ ବିଜେପି ନେତା ଦେବେନ୍ଦ୍ର ଫଡନାଭିସ ହେବେ ମୁଖ୍ୟମନ୍ତ୍ରୀ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ପଦ ହାତରୁ ଚାଲିଯାଉଥିବାରୁ ଶିବସେନା ନେତା ତଥା କାମଚଳା ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମନ ଊଣା କରିଥିବା ଜଣାପଡିଛି । ଗୁରୁବାର ମହାଯୁତି ମେଣ୍ଟର ପ୍ରମୁଖ ନେତା ବିଜେପିର ଦେବେନ୍ଦ୍ର ଫଡନାଭିସ୍, ଶିବସେନାର ଏକନାଥ ସିନ୍ଦେ ଏବଂ ଏନସିପିର ଅଜିତ ପାୱାର ଦିଲ୍ଲୀରେ ଅମିତ ଶାହ ଏବଂ ଜେପି ନଡ୍ଡାଙ୍କୁ ଭେଟିଥିଲେ । ସେଠାରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପଦ ବଣ୍ଟନ ନେଇ ଆଲୋଚନା ହୋଇଥିଲା । ଏହା ପରେ ତା'ପର ଦିନ ଅର୍ଥାତ୍ ଗତକାଲି ମୁମ୍ବାଇରେ ମହାଯୁତିର ଏକ ବୈଠକ ବସିବାର ଥିଲା । ମାତ୍ର କାମଚଳା ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ହଠାତ୍ ତାଙ୍କ ଗାଁକୁ ଚାଲିଯିବାରୁ ବୈଠକ ବାତିଲ ହୋଇ ଯାଇଥିଲା ।

## କିମ୍‌ସରେ ହେଲ୍‌ଥ ନ୍ୟାସ୍‌ନାଲ୍ କନ୍‌କ୍ଲେଭ୍

ଭୁବନେଶ୍ୱର,୩୦ ।୧୧: କିମ୍‌ସରେ ହେଲ୍‌ଥ ନ୍ୟାସ୍‌ନାଲ୍ କନ୍‌କ୍ଲେଭ୍ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଥର ଲାଗି କିମ୍‌ସରେ ଏଭଳି ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କନ୍‌କ୍ଲେଭରେ ଦେଶ ବିଭିନ୍ନ ଖ୍ୟାତି ସମ୍ପନ୍ନ ଚିକିତ୍ସା ପ୍ରତିଷ୍ଠାନ ତଥା ଅନ୍ୟାନ୍ୟ ଅନୁଷ୍ଠାନରୁ ହଜାରେରୁ ଅଧିକ ଡାକ୍ତର, ବିଶେଷଜ୍ଞ, ଚିକିତ୍ସାବିତ୍, ଜୈବପ୍ରଯୁକ୍ତି ବିଶେଷଜ୍ଞ, ଆଧ୍ୟାତ୍ମିକ ଗୁରୁ, ଡାକ୍ତରୀ ଶିକ୍ଷା କ୍ଷେତ୍ରରୁ ବିଶେଷଜ୍ଞ,ସ୍ୱାସ୍ଥ୍ୟସେବା ପ୍ରଶାସକ ଓ ଉଦ୍ୟୋଗୀ ଯୋଗଦେଇ ଭାରତରେ ଔଷଧ ଓ ସ୍ୱାସ୍ଥ୍ୟସେବା ଉପରେ ସେମାନଙ୍କ ଉପାଦେୟ ମତାମତ ରଖିଥିଲେ ।ଏହି ଅବସରରେ ମୁଖ୍ୟ ଅତିଥିଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗ୍ୟାଷ୍ଟ୍ରୋଏଣ୍ଟେରୋଲଜିଷ୍ଟ ତଥା ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ମୁଖ୍ୟ ପଦ୍ମଭୂଷଣ ପ୍ରଫେସର ଡି. ନାଗେଶ୍ୱର ରେଡ୍ଡୀ ଯୋଗଦେଇ କହିଲେ, ମୁଁ କିଟ୍ ଓ କିସ୍‌କୁ ବହୁବାର ଆସିଛି । ସାଧାରଣତଃ ଆଧ୍ୟାତ୍ମିକ, ପ୍ରଶାସନିକ, ନୀତି ନିର୍ଦ୍ଧାରଣ ଏବଂ ସ୍ୱାସ୍ଥ୍ୟସେବାର ବିଭିନ୍ନ କ୍ଷେତ୍ରରୁ ବିଶେଷଜ୍ଞଙ୍କୁ ନେଇ ଏଭଳି ସମ୍ମିଳନୀ ପ୍ରଥମ ଥର ଆୟୋଜିତ ହେଉଛି । ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଆଲୋଚନା ସହ ସ୍ୱାସ୍ଥ୍ୟସେବାରେ ଅଧ୍ୟାତ୍ମର ସମ୍ପର୍କ ତଥା




ସ୍ୱାସ୍ଥ୍ୟସେବା ଓ ଔଷଧ ଉଦ୍ୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ । ଯାହା କି ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ଉଲ୍ଲେଖନୀୟ ଯୋଗଦାନ ରହିବ ବୋଲି ସେ କହିଥିଲେ । କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ । ଆମ ପାଖରେ ଯେତେ ସମ୍ପତ୍ତି ଥାଉ ନା କାହିଁକି ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ଶାନ୍ତିରେ ରହି ପାରିବା ନାହିଁ । ସ୍ୱାସ୍ଥ୍ୟ ସେବା ସହ ଆଧ୍ୟାତ୍ମିକତାର ମଧ୍ୟ ସଂଯୋଗ ରହିଛି । ଏହି ସମ୍ମିଳନୀ ନିଶ୍ଚିତ ଭାବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଫଳପ୍ରଦ ସମ୍ମିଳନୀ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଏହି ଅବସରରେ ଶ୍ରୀ ସାମନ୍ତ କହିଲେ, କିମ୍‌ସ ପକ୍ଷରୁ ଆସନ୍ତା ବର୍ଷକ ମଧ୍ୟରେ ଓଡ଼ିଶାର ୨୦ଟି ଜିଲ୍ଲାରେ ଏକଶହ ଶଯ୍ୟା ବିଶିଷ୍ଟ କର୍ପୋରେଟ ଢ଼ଙ୍ଗରେ ହସ୍‌ପିଟାଲ୍ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଫଳରେ ଓଡ଼ିଶାର ବହୁ ଗ୍ରାମାଞ୍ଚଳ ତଥା ଗରିବ ରୋଗୀ ଉପକୃତ ହୋଇପାରିବେ ।ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ହାଇଦ୍ରାବାଦସ୍ଥିତ ଡ. ମୋହନ୍‌ସ ଡାୟାବେଟିସ୍ ସ୍ପେଶିଆଲିଷ୍ଟ କେନ୍ଦ୍ରର ଅଧ୍ୟକ୍ଷ ପଦ୍ମଶ୍ରୀ ଡା. ଭି ମୋହନ କହିଲେ, ଏହି ସମ୍ମିଳନୀ ହେଉଛି ଏକ ଅନନ୍ୟ ସମ୍ମିଳନୀ । ସାଧାରଣତଃ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟସେବାର ଗୋଟିଏ ଗୋଟିଏ ବିଭାଗକୁ ନେଇ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥାଏ । କିନ୍ତୁ ଏହି ସମ୍ମିଳନୀରେ ସାମଗ୍ରିକ ସ୍ୱାସ୍ଥ୍ୟସେବା ସହ ଅନ୍ୟାନ୍ୟ କ୍ଷେତ୍ରରୁ ମଧ୍ୟ ବିଶେଷଜ୍ଞମାନେ ଯୋଗଦେଇଛନ୍ତି । ଦୟା ଓ ନୈତିକତା ବିନା ଜଣେ ସଫଳ ଉଦ୍ୟୋଗୀ ହୋଇପାରିବ ନାହିଁ । ତାର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଅଚ୍ୟୁତ ସାମନ୍ତ । ଏହି ସମ୍ମିଳନୀରେ ବିଭିନ୍ନ କ୍ଷେତ୍ରରୁ ବହୁ ପ୍ରତିଭା ଯୋଗ ଦେଇଛନ୍ତି । ସମସ୍ତେ ଏକମନ ହୋଇ କାର୍ଯ୍ୟ କଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇ ଯାଇପାରିବ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପଦ୍ମଶ୍ରୀ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍‌ସ ପ୍ରଫେସର ଏମେରିଟସ୍ ପଦ୍ମଶ୍ରୀ ଡା. ଯୋଗେଶ ଚାୱ୍‌ଲା, କିମ୍‌ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର ସି ଦାସ ପ୍ରମୁଖ ଯୋଗଦେଇ କିମ୍‌ସ ନ୍ୟାସନାଲ୍ କନ୍‌କ୍ଲେଭ ଉପରେ ନିଜ ମତ ଦେଇଥିଲେ । ଦିନ ତମାମ ଚାଲିଥିବା ବିଭିନ୍ନ ଆଲୋଚନାଚକ୍ର ଓ କର୍ମଶାଳାରେ 'ଚିକିତ୍ସାରେ ଅର୍ଥ- ଏକ ଉପକରଣ କିମ୍ବା ଲକ୍ଷ୍ୟ' ଏବଂ ଭାରତରେ ଜନସାଧାରଣଙ୍କୁ କିଭଳି ସୁଲଭ ଡାକ୍ତରୀ ଉଦ୍ଭାବନ ସହଜରେ ଉପଲବ୍ଧ ହୋଇପାରିବ ତା ଉପରେ ଆଲେଚନା ହୋଇଥିଲା ।

## ପୁଣି ମଧ୍ୟାହ୍ନ ଦର ବଢାଇଲେ ସରକାର, ଡିସେମ୍ବର ୧ ତାରିଖରୁ ଲାଗୁ

ଭୁବନେଶ୍ୱର,୩୦ ।୧୧(ପି.ଏନ): ପୁଣି ବଢ଼ିଲା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ । ଦର ବଢାଇଲେ ରାଜ୍ୟ ସରକାର । ପ୍ରାଥମିକ ପିଲାଙ୍କ ପାଇଁ ୭ଟଙ୍କା ୬୪ ପଇସା ଖର୍ଚ୍ଚ ହେବ । ପୂର୍ବରୁ ଏହା ୫ ଟଙ୍କା ୯୦ ପଇସା ରହିଥିଲା । ଯଦି ଦେଖିବା ଏହି ମୂଲ୍ୟରେ ପାଖାପାଖି ୨ ଟଙ୍କା ବୃଦ୍ଧି ହୋଇଛି । ସେହିପରି ଉଚ୍ଚ ପ୍ରାଥମିକ ପିଲାଙ୍କ ପାଇଁ ଖର୍ଚ୍ଚ ହେବ ୧୦ ଟଙ୍କା ୯୪ ପଇସା । ପ୍ରଥମରୁ ଏହା ୮ ଟଙ୍କା ୮୨ ପଇସା ରହିଥିଲା । ଡିସେମ୍ବର ୧ ତାରିଖରୁ ଏହି ନୂଆ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ଲାଗୁ ହେବ ।



କହିରଖୁଛୁ କି, ପୂର୍ବରୁ ୧ ଟଙ୍କା ବୃଦ୍ଧି କରିଥିଲେ ସରକାର । କ୍ୟାପିଟାଲ ହାଇସ୍କୁଲ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ ସୁରଭିରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ । ତେବେ ପୁଣି ସଂଶୋଧନ କରି ନୂଆ ଖର୍ଚ୍ଚ ଲାଗୁ କରିଛନ୍ତି । ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି ।ସୂଚନା ଅନୁସାରେ, ରାଜ୍ୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୩ ଲକ୍ଷ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ପାଉଛନ୍ତି । ପୂର୍ବରୁ ପ୍ରାଥମିକ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ଖର୍ଚ୍ଚ ବାବଦରେ ରାଜ୍ୟ ସରକାର ଦୈନିକ ୫.୯୦ଟଙ୍କା ଓ ଉଚ୍ଚପ୍ରାଥମିକ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ୮.୮୨ଟଙ୍କା ଦେଉଥିଲେ । ବର୍ତ୍ତମାନ ଏଥିରେ ସଂଶୋଧନ କରାଯାଇ ନୂଆ ଦର ଲାଗୁ କରିଛନ୍ତି ।

## କେଜ୍ରିୱାଲଙ୍କ ମୁହଁକୁ ପାଣି ଛାଟି ଯୁବକ ଅଟକ

ଭୁବନେଶ୍ୱର,୩୦ ।୧୧(ପି.ଏନ): ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଉପରକୁ ପାଣି ଫିଙ୍ଗିଲେ ଯୁବକ । ଗ୍ରେଟର କୈଳାଶ ଅଞ୍ଚଳରେ କେଜ୍ରିୱାଲ ନିଜ ସମର୍ଥକଙ୍କ ଗହଣରେ ଯାଉଥିବା ସମୟରେ ଏଭଳି ଘଟଣା ଘଟିଛି । ଏହାପରେ ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା । ପାଣି ଫିଙ୍ଗିଥିବା ଯୁବକକୁ ସୁରକ୍ଷାକର୍ମୀ ଧରିପକାଇଥିଲେ । ତେବେ ଏହାକୁ ନେଇ ଆମ୍ ଆଦମୀ ପାର୍ଟି ବିଜେପିକୁ ଦାୟୀ କରିଛି ।ପୁଲିସ କହିବା ଅନୁଯାୟୀ, କେଜ୍ରିୱାଲ ତାଙ୍କ ସମର୍ଥକଙ୍କ ସହ ଗ୍ରେଟର କୈଳାଶର ମାଲବୀୟ ନଗର ଅଞ୍ଚଳରେ



ବୁଲୁଥିବା ବେଳେ ଏହି ଘଟଣା ଘଟିଥିଲା । ଅଭିଯୁକ୍ତର ନାମ ଅଶୋକ ଝା । ଏହି ସମୟରେ ଅଶୋକ ହାତରେ ଏକ ଗ୍ଲାସ ଥିଲା, ଯେଉଁଥିରେ ଥିବା ପାଣିକୁ ସେ କେଜ୍ରିୱାଲଙ୍କ ଉପରକୁ ଫିଙ୍ଗିବାକୁ ଚେଷ୍ଟା କରିଥିଲା । କେଜ୍ରିୱାଲଙ୍କ ସମେତ ତାଙ୍କ ସହ ଉପସ୍ଥିତ ଅନ୍ୟ ନେତା ତଥା ସୁରକ୍ଷାକର୍ମୀଙ୍କ ଉପରେ ମଧ୍ୟ ଏହି ପାଣି ପଡ଼ିଥିଲା । ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ପୁଲିସ କହିଛି ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଜେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମା ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା’ର ଦୁଧ୍ୱ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୂକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କାଂଚୀ କାମାକ୍ଷୀ ଶକ୍ତିପୀଠ, ତାମିଲନାଡୁ

କାଂଚିପୁରମ୍ ର ହୃଦୟସ୍ଥଳ ହେଉଛି କାଂଚି କାମାକ୍ଷୀ ମନ୍ଦିର। ବସ୍ତୁତଃ ସଂପୂର୍ଣ୍ଣ କାଂଚିପୁରମ୍ ନଗରୀ କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରି ରହିଛି। ଭଗବାନ ଶିବ ଓ ଭଗବାନ ବିଷ୍ଣୁଙ୍କ ଭଳି ଅନେକ ଦେବୀ ଦେବତା ମଧ୍ୟ କାଂଚି କାମାକ୍ଷୀ ମନ୍ଦିରକୁ ଘେରି ରହିଛନ୍ତି। କାଂଚି କାମାକ୍ଷୀ ମନ୍ଦିରକୁ ଆନନ୍ଦରେ କାମାକ୍ଷୀ ଅମ୍ମା ମନ୍ଦିର ବୋଲି ମଧ୍ୟ କୁହାଯାଏ। କାଂଚି କାମାକ୍ଷୀ ମନ୍ଦିରର ଗୋଟିଏ ପାର୍ଶ୍ୱରେ ଶିବ କାଂଚି ଅର୍ଥାତ୍ ବଡ଼ କାଂଚି ଅବସ୍ଥିତ। ଏଠାରେ କେତେକ ବିଷ୍ଣୁ ମନ୍ଦିର ସହିତ ଅନେକ ଶିବ ମନ୍ଦିର ସ୍ଥାପିତ ହୋଇଛି। କାଂଚି କାମାକ୍ଷୀ ମନ୍ଦିରର ଅନ୍ୟ ପାର୍ଶ୍ୱରେ ବିଷ୍ଣୁ କାଂଚି ଅର୍ଥାତ୍ ଛୋଟ କାଂଚି ଅବସ୍ଥିତ। ସେଠାରେ ମଧ୍ୟ କେତୋଟି ବିଶାଳ ବିଷ୍ଣୁ ମନ୍ଦିର ତଥା କେତୋଟି ଶିବ ମନ୍ଦିର ମଧ୍ୟ ରହିଛି।



ଏଠାରେ କାମାକ୍ଷୀ ମନ୍ଦିରର ଅସ୍ତିତ୍ୱ ଅନନ୍ତ କାଳରୁ ଅବସ୍ଥିତ ଥିବା କୁହାଯାଏ। ରେକର୍ଡ଼ ଅନୁଯାୟୀ ମନ୍ଦିରର ଶ୍ରୀ ଚକ୍ର କୁ ଆଦି ଶଙ୍କରାଚାର୍ଯ୍ୟ ହିଁ ସ୍ଥାପନା କରିଥିଲେ। ୫ମ ରୁ ୮ମ ଶତାବ୍ଦୀ ମଧ୍ୟରେ କେଉଁ ଏକ ସମୟରେ ଏହି ସ୍ଥାପନା କାର୍ଯ୍ୟ ହୋଇଥିବା ଅନୁମାନ କରାଯାଉଛି। ପୁରାତାତ୍ତ୍ୱିକ ସାହିତ୍ୟ ଅନୁସାରେ ଏହି ମନ୍ଦିର ପ୍ରାୟ ୧୩୦୦ ବର୍ଷର ପୁରାତନ। ହୁଏତ ଏଠାରେ ପଲ୍ଲବ ସମ୍ରାଟଙ୍କ ଆଧିପତ୍ୟ ଥିଲା ଓ କାଂଚି ପୁରମ୍ ତାଙ୍କ ରାଜଧାନୀ ଥିଲା ବୋଲି କୁହାଯାଉଛି। ସେ ଯାହାହେଉ କାମାକ୍ଷୀ ଦେବୀ ହିଁ କାଂଚିର ଅଧିଷ୍ଠାତ୍ରୀ ଦେବୀ ଥିଲେ, ଏଥିରେ କାହାର ସନ୍ଦେହ ନାହିଁ।

କାଂଚିର କାମାକ୍ଷୀ ମନ୍ଦିର ଭାରତୀୟ ଉପମହାଦେଶର ୧୮ଟି ମହା ଶକ୍ତିପୀଠ ମଧ୍ୟରେ ଗୋଟିଏ ଓ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଶକ୍ତିପୀଠ ଅଟେ। କ୍ରୋଧ ଜର୍ଜରିତ ଶିବ ଯେତେବେଳେ ମା'ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ, ଶିବଙ୍କୁ ଶାନ୍ତ କରିବା ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲେ ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସେହି ଖଣ୍ଡ ମାନଙ୍କ ମଧ୍ୟରୁ ସତୀଙ୍କ ନାଭିଖଣ୍ଡ ଏଠାରେ ପଡ଼ିଥିଲା। ଆଉ ଏହି ସ୍ଥାନ ଏକ ମହାନ୍ ଶକ୍ତିପୀଠ ଭାବେ ପରିଚିତ।



ଆହୁରି ବି କୁହାଯାଏ ଯେ, ଦେବୀ ଅସୁର ଭଣ୍ଡାସୁକୁ ବଦ୍ଧ କରିବା ପାଇଁ ଏକ କନ୍ୟା ରୂପରେ ଅବତାର ନେଇଥିଲେ ଓ ସେ ଏହି ମନ୍ଦିରରେ ଅଧିଷ୍ଠିତ ଥିଲେ। ଏହି ମନ୍ଦିରକୁ ସ୍ୱୟମ୍ଭୁ ବୋଲି କୁହାଯାଏ। କାରଣ ଏହି ମନ୍ଦିରରେ ଥିବା ମାତାଙ୍କ ମୂର୍ତ୍ତି କାହାରି ଦ୍ୱାରା ତିଆରି ହୋଇନଥିଲା, ବରଂ ସ୍ୱଂୟ ଅବତରିତ ହୋଇଥିଲା। କୁହାଯାଏ ଯେ, ଦେବୀ ଏହି ମନ୍ଦିରରେ ସ୍ଥୁଳ, ସୂକ୍ଷ୍ମ ଓ ଶୂନ୍ୟ ଏପରି ତିନିଟି ସ୍ୱରୂପରେ ବିରାଜମାନ କରିଛନ୍ତି।

ଶାସ୍ତ୍ର ଅନୁଯାୟୀ ଭଗବାନ ଶିବଙ୍କ ସହିତ ବିବାହ କରିବାକୁ ଆଶା କରି କାମାକ୍ଷୀ ଅମ୍ମା ଘୋର ସପସ୍ୟା କରିଥିଲେ। ଶେଷରେ ତାଙ୍କର ଅଭିଳାସ ପୂର୍ଣ୍ଣ ହେଲା ଏବଂ ଫାଲଗୁନ ମାସର ଉତର ନକ୍ଷତ୍ରରେ ଭଗବାନ୍ ଶିବଙ୍କ ସହିତ ତାଙ୍କର ବିବାହ ହେଲା। ଏଠାରେ ମା'କାମାକ୍ଷୀଙ୍କ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ ତପସ୍ୟା କରୁଥିବା ସୁନାର ଏକ ମୂର୍ତି ରହିଛି। ମା'ଙ୍କର ଏହି ସ୍ୱର୍ଣ୍ଣ ମୂର୍ତିକୁ ବଙ୍ଗାରୁ କାମାକ୍ଷୀ ବୋଲି ମଧ୍ୟ କୁହାଯାଏ।

କାଂଚି କାମାକ୍ଷୀ ମନ୍ଦିରର ମୁଖ୍ୟ ଗର୍ଭ ଗୃହକୁ ଗାୟତୀ ମଣ୍ଡପ କୁହାଯାଏ। ଏଠାରେ କାମାକ୍ଷୀ ଅମ୍ମା ପଦ୍ମାସନର ଯୋଗମୁଦ୍ରାରେ ବସିଛନ୍ତି। ତାଙ୍କର ଆସନ ପଂଚ ବ୍ରହ୍ମାସନ। କାମାକ୍ଷୀ ଅମ୍ମାଙ୍କର ଚାରି ହାତ ରହିଛି। ତାଙ୍କ ତଳ ହାତରେ ରହିଛି ଆଖୁଖଣ୍ଡ ଓ ପାଂଚଟି ଫୁଲର ଗୁଚ୍ଛ। ଉପର ଦୁଇ ହାତରେ ସେ ଶସ୍ତ୍ର, ଫାଶ ଓ ଦଣ୍ଡ ଧାରଣ କରିଛନ୍ତି। ଦେବୀଙ୍କ ପ୍ରତିମାକୁ ସର୍ବଦା ଉଜ୍ଜ୍ୱଳ ରଙ୍ଗିନ ଶାଢୀ ଓ ସଂପୂର୍ଣ୍ଣ ବେଶଭୂଷାରେ ଅଳଙ୍କୃତ କରାଯାଏ। ଗର୍ଭଗୃହ ଭିତରେ ରୁପାରେ ଝୁଲୁଥିବା ଏକ ସ୍ତମ୍ଭ ରହିଛି। ଏଥିରେ ଏକ ଛିଦ୍ର ରହିଛି, ଯାହା ଦେବୀଙ୍କ ନାଭିର ପ୍ରତିନିଧିତ୍ୱ କରେ। କୁହାଯାଏ ଯେ, ଏହା ଭକ୍ତ ମାନଙ୍କୁ ସନ୍ତାନ ପାଇବାର ବର ପ୍ରଦାନ କରିଥାଏ।

କାମାକ୍ଷୀ ମନ୍ଦିରରେ ପ୍ରତ୍ୟେକ ବର୍ଷ ଫାଲଗୁନ ମାସରେ ଭଗବାନ ଶିବ ଓ କାମାକ୍ଷୀଙ୍କ ମଧ୍ୟରେ ବିବାହ ଉତ୍ସବ ପାଳନ କରାଯାଏ। ଏହି ଉତ୍ସବରେ ବିବାହ ଅଭିଳାଷ ରଖିଥିବା ଯୁବକ ଯୁବତୀ ମାନେ ବହୁ ସଂଖ୍ୟାରେ ଏଠାକୁ ଆସିଥାନ୍ତି। ଏହିଦିନ ଦେବୀଙ୍କୁ ନୌକାରେ ବସାଯାଇ ବୁଲାଯାଏ। ସେହିପରି ପ୍ରତି ମାଘ ମାସରେ ଏଠାରେ ବାର୍ଷିକ ବ୍ରହ୍ମୋତ୍ସବ ପାଳନ କରାଯାଏ। ଏହି ସମୟରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଦେବୀଙ୍କ ରଥ ବାହାରକୁ ଯାଏ। ଉତ୍ସବର ଚତୁର୍ଥ ଦିନ କାମାକ୍ଷୀ ଅମ୍ମା ସୁନାର ସିଂହ ଉପରେ ବସନ୍ତି ତଥା ନବମ ଦିନରେ ରୂପା ନିର୍ମିତ ରଥରେ ବସି ନଗର ଭ୍ରମଣରେ ଯାଆନ୍ତି। ଏହି ଉତ୍ସବ ଦିନ ବା ପୂର୍ଣ୍ଣିମା ପଡୁଥିବା ୧୦ମ ଦିବସ ଓ ଶେଷ ଦିନରେ ଦେବୀ ଓ ତାଙ୍କର ଭକ୍ତମାନେ ମନ୍ଦିରର ଜଳକୁଣ୍ଡରେ ବୁଡ଼ ପକାନ୍ତି।





ପ୍ରତି ବର୍ଷ ଚୈତ୍ର ମାସର ପ୍ରଥମ ଦିବସରେ କାମାକ୍ଷୀ ଅମ୍ମା ନିଜ ସୁନାର ରଥ ଉପରେ ବସନ୍ତି। ଏଭଳି ରଥଯାତ୍ରା ହିନ୍ଦୁ ପାଞ୍ଜି ଅନୁସାରେ ପ୍ରତି ମାସର ପ୍ରଥମ ଦିନ ଆୟୋଜିତ ହୋଇଥାଏ। ଯଦି ତାହା ଶୁକ୍ରବାର ଦିନ ହୁଏ, ସେଦିନ ପୂର୍ଣ୍ଣିମା କିମ୍ବା ଅମାବାସ୍ୟା ହୋଇଥାଏ। କାଂଚିର କାମାକ୍ଷାଙ୍କ ଏହି ରଥଯାତ୍ରାକୁ ଦର୍ଶନ କରିବା ପାଇଁ ସମସ୍ତେ ବ୍ୟାକୁଳ ହୁଅନ୍ତି।

କାଂଚି ପୁରମ୍ ର ଅନ୍ୟ ମନ୍ଦିର ମାନଙ୍କର ରଥଯାତ୍ରା କାଂଚି କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରା ଲଗାନ୍ତି, କାରଣ କାମାକ୍ଷୀ ଦେବୀ କାଂଚିର ପ୍ରମୁଖ ଆରାଧ୍ୟ ଦେବୀ ଅଟନ୍ତି।

# ଯାହା ପାଇଁ ଜାତୀୟ ବିଜ୍ଞାନ ଦିବସ !



ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ ଏସିଆର ପ୍ରଥମ ବ୍ୟକ୍ତି ସାର୍ ପ୍ରଫେସର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ। ଦକ୍ଷିଣ ଭାରତର ତ୍ରିଚିନାପଲ୍ଲୀ ସହରର ଥିରୁଭାନାଇକାଭାଲ ଗ୍ରାମର ଚନ୍ଦ୍ରଶେଖର ଆୟାରଙ୍କ ଔରସ ଏବଂ ମାତାପାର୍ବତୀ ଅମ୍ମଲଙ୍କ ଗର୍ଭରୁ, ୧୮୮୮ ମସିହା ନଭେମ୍ବର ସାତ ତାରିଖରେ ଜନ୍ମିତ ଏହି ବ୍ୟକ୍ତି, ମାତ୍ର ୧୧ବର୍ଷରେ ମାଟ୍ରିକ,୧୩ ବର୍ଷରେ ଆଇ.ଏ ପାଶ୍ କରି, ମାନ୍ଦ୍ରାଜର ପ୍ରେସିଡେନସି କଲେଜର ବି.ଏ ପଢିବା ପାଇଁ ନାମ ଲେଖାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ରୁଗ୍ଣ ଶରୀର ଏବଂ କମ ବୟସ ପାଇଁ, ଇଂରାଜୀ ଅଧ୍ୟାପକ ଇ.ଏଚ୍.ଇଲିୟାଟଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେ ପ୍ରଶ୍ନ କରିଥିଲେ ତୁମେ କଣ ଏଇ ଶ୍ରେଣୀର ପିଲା? ତାଙ୍କର ଅସ୍ତି ବାଚକ ଉତର ହାସ୍ୟ ଉଦ୍ରେକ କରିଥିଲା ସହପାଠୀ ମାନଙ୍କ ମଧ୍ୟରେ। ପରେ ପରେ ଅଧ୍ୟାପକଙ୍କ ସମସ୍ତ କଠିନ ପ୍ରଶ୍ନର ସ୍ୱଷ୍ଟ ଏବଂ ସଠିକ୍ ଉତରରେ ସ୍ତବ୍ଧ ହୋଇଯାଇଥିଲା ସମଗ୍ର ପରିବେଶ। ଯେଉଁ କେତେ ଜଣ ଭାରତୀୟ ବୈଜ୍ଞାନିକ, ନିଜର ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ବଳରେ ବିଶ୍ୱବନ୍ଦିତ ହୋଇପାରିଛନ୍ତି, ତନ୍ମଧ୍ୟରୁ ରମଣ ଅନ୍ୟତମ। ଚାଟଶାଳୀରେ ବାଲ୍ୟଶିକ୍ଷା ଠାରୁ ଆରମ୍ଭ କରି ପ୍ରେସିଡେନସି କଲେଜରେ ପଦାର୍ଥ ବିଜ୍ଞାନରେ ଏମ,ଏ ପଢିବା ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀରେ ସେ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏପରିକି ଏମ,ଏ ପଢିବା ସମୟର ଦୁଇ ବର୍ଷରୁ ସେ ମାତ୍ର ଗୋଟିଏ ଦିନ, ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଆର୍.ଏଲ୍.ଜୋନସ୍‌ଙ୍କ, ଆଲୋକ ଉପକରଣ ସମ୍ବନ୍ଧୀୟ ଏକ ଆଲୋଚନା ଶୁଣିବା ପାଇଁ ଯାଇଥିଲେ। ପଦାର୍ଥ ବିଜ୍ଞାନର ସମସ୍ତ କ୍ଲିଷ୍ଟ ବିଷୟକୁ, ଅଧ୍ୟାପକଙ୍କର ବିନା ସାହାଯ୍ୟରେ ଅକ୍ଲେଶରେ ବୁଝି ପାରୁଥିବାରୁ, ସେ ସମୟକୁ ରମଣ, ଗବେଷଣା କାର୍ଯ୍ୟରେ ବିନିଯୋଗ କରୁଥିଲେ। ବିଜ୍ଞାନର ଆକର୍ଷଣ ଏବଂ ତତ୍ସମ୍ବନ୍ଧୀୟ ଗବେଷଣା ନିମନ୍ତେ ସମୟ ଦେବା ଯୋଗୁ ସେ ସରକାରୀ ନିଯୁକ୍ତି ପାଇଁ ଆଗ୍ରହୀ ନଥିଲେ। ପରିବାର ସଦସ୍ୟଙ୍କ ଚାପରେ, ପରୀକ୍ଷା ଦେଇ, ସେ ମାତ୍ର ୧୯ ବର୍ଷରେ, କଲିକତାରେ , ଅର୍ଥ ବିଭାଗର ସହକାରୀ ଏକାଉଂଟାଂଟ ଜେନେରାଲ ପରି ମର୍ଯ୍ୟାଦା ଜନକ ପଦବୀରେ ନିଯୁକ୍ତି ପାଇଲେ। ତାଙ୍କର କର୍ତବ୍ୟନିଷ୍ଠା , ଶୃଙ୍ଖଳା ଏବଂ ସର୍ବୋପରି କର୍ମ ଦକ୍ଷତା ଯୋଗୁ, ଅଫିସ୍‌ରେ ସେ ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ, ମାତ୍ର ସେ ଏଥିରେ ସନ୍ତୁଷ୍ଟ ନଥିଲେ। ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଅଫିସ କାମକୁ ଛାଡିଦେଲେ, ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଖୁବ୍ କମ ସମୟ ବିନିଯୋଗ କରି ଅବଶିଷ୍ଟ ସମୟରେ ସେ କେବଳ ଗବେଷଣା ରେ ନିମଗ୍ନ ରହୁଥିଲେ। ଗବେଷଣା ପାଇଁ ସେ ଉପଯୁକ୍ତ ପରିବେଶ ଏବଂ ସହଯୋଗ ପାଇ ପାରୁନଥିଲେ। ଦିନେ ଅଫିସ୍‌ରୁ ଫେରିବାବେଳେ, ବଡବଜାର ଷ୍ଟ୍ରିଟ୍ ର ଗୋଟିଏ ଘରେ, (ଭାରତୀୟ ବିଜ୍ଞାନ ସଂସଦ) ଲେଖା ସାଇନ୍‌ବୋର୍ଡଟିଏ ଝୁଲୁଥିବାର ଦେଖି, ଭାରି ଖୁସି ହୋଇଗଲେ। ଏହି ସଂସ୍ଥାର ପ୍ରତିଷ୍ଠାତା ଡକ୍ଟର ମହେନ୍ଦ୍ରଲାଲ୍ ସରକାରଙ୍କ ସହିତ ସାକ୍ଷାତକରି, ବିଜ୍ଞାନର ଉନ୍ନତି ନିମନ୍ତେ ଉଭୟେ ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଥିଲେ। ରମଣ ଯଦିଓ ଆଲୋକର ବିକିରଣ ଉପରେ ସ୍ୱତନ୍ତ୍ର ଭାବରେ ଗବେଷଣା କରୁଥିଲେ ତଥାପି ବିଭିନ୍ନ ବାଦ୍ୟଯନ୍ତ୍ରରୁ କିପରି ବିଭିନ୍ନ ପ୍ରକାର ଶବ୍ଦ ଉତ୍ପନ ହେଉଛି, ତା ବିଷୟରେ ଏକ ତଥ୍ୟ ସମ୍ବଳିତ ପତ୍ର ଲଣ୍ଡନର ଧ୍ୱନି ବିଜ୍ଞାନର ଗବେଷକ ଲର୍ଡର୍ୟାଲେଙ୍କ ନିକଟକୁ ପଠାଇଥିଲେ। ଲର୍ଡର୍ୟାଲେ ଏହି ତଥ୍ୟଟିକୁ ପଢି ସାରିବା ପରେ, ରମଣଙ୍କୁ ଉଚ୍ଚ ପ୍ରଶଂସା କରି ଏକ ଉତର ପତ୍ର ପଠାଇଥିଲେ, ଯାହାକୁ ଦେଖି ଭାରତର ବୈଜ୍ଞାନିକ ଏବଂ ଜ୍ଞାନୀ ଲୋକ ମାନେ, ରମଣଙ୍କ ପରି ୨୦/୨୧ବର୍ଷର ଜଣେ ଯୁବକ ଯେ ଏତେ ଜ୍ଞାନର ଅଧିକାରୀ ,ଏହା କଳ୍ପନା କରି ପାରିନଥିଲେ। ୧୯୧୦ ମସିହାରେ , ଚାକିରୀରେ ପଦୋନ୍ନତି ଯୋଗୁ ତାଙ୍କୁ କଲିକତା ଛାଡି ରେଙ୍ଗୁନ ଯିବାକୁ ପଡିଲା। ରେଙ୍ଗୁନରେ ଗବେଷଣାର ସୁବିଧା ନଥିବାରୁ, ରେଙ୍ଗୁନ ଯିବାକୁ ଅନିଚ୍ଛୁକ ଥିଲେ ବି ପରିସ୍ଥିତି ଚାପରେ ସେ ସେଠାରେ ଯୋଗଦାନ କରି ଠିକ ବର୍ଷକ ପରେ ପୁଣି କଲିକତାକୁ ବଦଳି ହୋଇଆସିଲେ। ଇତ୍ୟବସରରେ ତାଙ୍କର କେତେକ ମୌଳିକ ଲେଖା ନିମନ୍ତେ , ବୈଜ୍ଞାନିକ ହିସାବରେସେ ଖ୍ୟାତିଲାଭ କରିସାରିଥିଲେ। ଅର୍ଥ ବିଭାଗର ଅଧିକ ବେତନର ମୋହ ତ୍ୟାଗକରି, ବିଜ୍ଞାନର ନିଶା ଯୋଗୁ, ସେ କଲିକତା ବିଶ୍ୱ ବିଦ୍ୟାଳୟର ସ୍ନାତକୋତର ଶ୍ରେଣୀରେ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ। ଯଦି ସେ ଅର୍ଥ ବିଭାଗର ଚାକିରୀ ପରିତ୍ୟାଗ କରି , ବିଜ୍ଞାନର ଅଧ୍ୟାପକ ଭାବରେ କାର୍ଯ୍ୟ କରିନଥାନ୍ତେ, ତେବେ ଭାରତବର୍ଷ, ତାଙ୍କପରି ବିଶ୍ୱବନ୍ଦିତ ନୋବେଲ ବିଜୟୀ ବୈଜ୍ଞାନିକଙ୍କୁ ପାଇବାର ସୁଯୋଗ ହରାଇଥାନ୍ତା ବୋଲି ମତ ପୋଷଣ କରିଥିଲେ, ଚକ୍ରବର୍ତୀ ରାଜଗୋପାଳଚାରୀ। ୧୯୦୬ରେ ବି.ଏ.ପଢୁଥିବା ସମୟରେ ମାତ୍ର ୧୮ ବର୍ଷ ବୟସରେ , ତାଙ୍କ ଦ୍ୱାରା ଲିଖିତ "ଆଲୋକର ବିଚ୍ଛୁରଣ" ନାମକ ଏକ ବିଜ୍ଞାନ ସନ୍ଦର୍ଭ , ଫିଲୋସଫିକାଲ ନାମକ ଏକ ବ୍ରିଟିଶ୍ ଜର୍ନାଲରେ ପ୍ରକାଶିତ ହୋଇଥିଲା।୧୯୨୮ ମସିହା ଫେବୃୟାରୀ ୨୮ ତାରିଖରେ ସେ ଆଲୋକର ବିକିରଣ ସମ୍ବନ୍ଧୀୟ ଏକ ଚମକପ୍ରଦ ତଥ୍ୟ ଉପସ୍ଥାପନା କରିଥିଲେ, ଯାହାକି "ରମଣ ଇଫେକ୍ଟ"ନାମରେ ପ୍ରସିଦ୍ଧି ଲାଭ କରିଥିଲା। ସେଥିପାଇଁ ଏହି ଦିବସଟିକୁ ଭାରତ ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ "ଜାତୀୟ ବିଜ୍ଞାନ ଦିବସ"ରୂପେ ପାଳନ କରାଯାଉଅଛି। ଫ୍ରାନସ୍ ବୈଜ୍ଞାନିକ ଜେ.କାବାନେସ, ଜର୍ମାନ୍ ବୈଜ୍ଞାନିକ ପି.ପ୍ରଙ୍ଗସେ ଓ ଭାରତର ଏଲ୍.ଏ.ରାମଦାସ୍ ରମଣଙ୍କ ସନ୍ଦର୍ଭକୁ "ରମଣ ସିଦ୍ଧାନ୍ତ" ନାମରେ ବିଶ୍ୱ ବିଖ୍ୟାତ କରାଇଥିଲେ ଏବଂ ଏହି ସିଦ୍ଧାନ୍ତ ପାଇଁ ସେ ୧୯୩୦ ମସିହାରେ ନୋବେଲ୍ ପୁରସ୍କାର ଲାଭ କରିଥିଲେ।୧୯୩୩ ମସିହାରେ ବାଙ୍ଗାଲୋରସ୍ଥିତ, ଇଣ୍ଡିଆନ ସୋସାଇଟି ଅଫ ସାଇନସ୍ ର ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବରେ ଯୋଗଦାନ କରିଥିଲେ। ସେହିବର୍ଷ ସେଠାରେ ସେ, ଇଣ୍ଡିଆନ ଆକାଡେମୀ ଅଫ ସାଇନସ ନାମକ ଏକ ଅନୁଷ୍ଠାନ ସ୍ଥାପନା କରିଥିଲେ।୧୯୪୮ ରେ ତାଙ୍କ ଦ୍ୱାରା "ରମଣ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ"ସ୍ଥାପିତ ହୋଇଥିଲା,ଯେଉଁଥିରେ ସେ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ଜୀବନକାଳ ମଧ୍ୟରେ ରମଣ ଅନେକ ସମ୍ମାନ ଓ ପୁରସ୍କାର ପାଇଥିଲେ, ତନ୍ମଧ୍ୟରୁ ୧୯୧୨ରେ କର୍ଜନ ରିସର୍ଚ୍ଚ ଆୱାର୍ଡ,୧୯୧୩ରେ ଉଡବର୍ନ ରିସର୍ଚ୍ଚ ମେଡାଲ୍,୧୯୩୦ରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନାଇଟ ଉପାଧି, ସେହି ବର୍ଷ ଭାରତର ପ୍ରଥମ ବୈଜ୍ଞାନିକ ଭାବରେ ନୋବେଲ ପୁରସ୍କାର ଏବଂ ଲଣ୍ଡନର ରୟାଲ ସୋସାଇଟିରୁ ହ୍ୟୁଗସ୍ ପଦକ,୧୯୪୧ରେ ଫିଲାଡେଲଫିଆସ୍ଥିତ ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଦ୍ୱାରା ଫ୍ରାଙ୍କଲିନ ମେଡାଲ,୧୯୫୪ରେ ଭାରତ ସରକାରଙ୍କ ଦ୍ୱାରା ଭାରତରତ୍ନ ଏବଂ ୧୯୫୭ରେ ଋଷ ସରକାରଙ୍କ ଦ୍ୱାରା ଲେନିନ୍ ପୁରସ୍କାର ଇତ୍ୟାଦି ଅନେକ ସମ୍ମାନ ପାଇଥିଲେ। ବିଜ୍ଞାନ କ୍ଷେତ୍ରରେ ରମଣଙ୍କ ଦକ୍ଷତା ଓ ଅବଦାନ, ବିଶ୍ୱସ୍ତରରେ ଭାରତୀୟ ବୈଜ୍ଞାନିକ ମାନଙ୍କ ସମ୍ମାନ ବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହୋଇଥିଲା।୧୯୬୯ ମସିହା ଅକ୍ଟୋବର ମାସରେ ଗବେଷଣାଗାରରେ କାର୍ଯ୍ୟରତ ଥିବା ସମୟରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଚିକିତ୍ସା ଫଳରେ ସେ ଆଉ କିଛିଦିନ ବଂଚି ରହିଥିଲେ, କିନ୍ତୁ ୧୯୭୦ ମସିହା ନଭେମ୍ବର ମାସ ୨୧ ତାରିଖ ଦିନ ଭାରତର ବିଜ୍ଞାନାକାଶରୁ ଏହି ଉଜ୍ଜଳମୟ ନକ୍ଷତ୍ର ସବୁଦିନ ପାଇଁ ଅସ୍ତ ହୋଇଯାଇଥିଲା। ମୃତ୍ୟୁପୁର୍ବରୁ , ତାଙ୍କ ବିଜ୍ଞାନ ଆକାଡେମୀର ଜର୍ନାଲଟିକୁ ଚଲାଇ ରଖିବା ନିମନ୍ତେ ସେ ତାଙ୍କର ଜଣେ ପ୍ରାକ୍ତନ ଛାତ୍ରଙ୍କୁ ଅନୁରୋଧ କରଥିଲେ। ତାଙ୍କର ଶେଷ ଇଛା ଅନୁଯାୟୀ, ତାଙ୍କ ମରଶରୀରକୁ ବିନା କୌଣସି ଆଡମ୍ବରରେ,"ରମଣ ଗବେଷଣା କେନ୍ଦ୍ର"ର ହତା ମଧ୍ୟରେ ସମାଧି ଦିଆଯାଇଥିଲା।

# ଜମି ଅଧିଗ୍ରହଣ ନୀତି ତୁରନ୍ତ ବାତିଲ୍ ନ ହେଲେ ରାଜରାସ୍ତାରେ ଲଢେଇ ହେବ

ରାଉରକେଲା (ପିଏନ୍): ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରେ ପ୍ରତିଷ୍ଠିତ ଓଡିଶା ସିମେଣ୍ଟ ଲିମିଟେଡ୍ ଓ ଜିନ୍ଦଲ ସିମେଣ୍ଟ ପ୍ଲାଣ୍ଟ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ୭ଟି ପଞ୍ଚାୟତର ଅଧିବାସୀଙ୍କୁ ବେଆଇନ୍ ଭାବେ ବାସଚ୍ୟୁତ କରି ସେମାନଙ୍କ ଜମି ଅଧିଗ୍ରହଣ ପାଇଁ ହେଉଥିବା ଉଦ୍ୟମକୁ ସୁନ୍ଦରଗଡ ଜିଲ୍ଲା ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚ ତରଫରୁ ତୀବ୍ର ବିରୋଧ କରାଯାଇଛି । ଜିଲ୍ଲା ପ୍ରଶାସନ ଏହି ୭ଟି ପଞ୍ଚାୟତର ଜମିକୁ ଉପରୋକ୍ତ ଦୁଇ କମ୍ପାନୀ ପାଇଁ ଜାରି କରିଥିବା ନୋଟିସକୁ ତୁରନ୍ତ ବାତିଲ୍ ନ କଲେ ରାଜରାସ୍ତାରେ ଲଢେଇ ହେବ ବୋଲି ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚ ତରଫରୁ ଚେତାବନୀ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଆଦିବାସୀ ମୂଳବାସୀ ବଞ୍ଚାଅ ତରଫରୁ ଜିଲ୍ଲା ସଦର ମହକୁମା ସୁନ୍ଦରଗଡ ଠାରେ ଏକ ବିଶାଳ ଶୋଭାଯାତ୍ରା କରାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚର ପ୍ରତିଷ୍ଠାତା ମୁଖ୍ୟ ତଥା ପ୍ରାକ୍ତନ ବିଧାୟକ ଶ୍ରୀ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଓ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରାଜଗାଙ୍ଗପୁର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଆଦିବାସୀ ମୂଳବାସୀମାନେ ଏହି ।କର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।




ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶ୍ରୀ ତିର୍କୀ ବକ୍ତବ୍ୟ ରଖି ଓସିଏଲ୍ ପ୍ଲାଣ୍ଟ ପାଇଁ କିପରି ବେଆଇନ୍ ଭାବେ ଅଲନ୍ଦା, ଖଟଙ୍ଗ, କେସରାମାଲ, ଝଗରପୁର ଓ କୁକୁଡା ପଞ୍ଚାୟତ ଏବଂ ଜିନ୍ଦଲ ପ୍ଲାଣ୍ଟ ପାଇଁ ତେଲିଘାନା ଓ ଖଟକୁରବାହାଲ ପଞ୍ଚାୟତକୁ ବିନା ଗ୍ରାମସଭା ମୁରୀରେ ଅଧିଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ନୋଟିସ୍ ଜାରି କରିଛି, ସେ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଉଭୟ ପ୍ଲାଣ୍ଟ ପାଇଁ ଜିଲ୍ଲା ପ୍ରଶାସନ କରୁଥିବା ଦଲାଲୀ ବିରୁଧରେ ଦୀର୍ଘଦିନ ହେଲା ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚ ଲଢେଇ କରିଆସୁଥିବା ବେଳେ ଏହି ଲଢେଇକୁ ଦୁର୍ବଳ କରିବା ପାଇଁ କିଛି ଲୋକ ଭୁବନେଶ୍ୱରର ରାଜଭବନ ନିକଟରେ ବସିବା ନିହାତି ଦୁର୍ଭାଗ୍ୟଜନକ ବୋଲି କହିଥିଲେ । ଆଦିବାସୀ ମୂଳବାସୀମାନେ ଏ ମାଟିର ସନ୍ତାନ ଏବଂ ପେସା ଆଇନ୍ ଅନୁଯାୟୀ ଗ୍ରାମସଭାର ବିନା ଅନୁମତିରେ କୌଣସି ଶକ୍ତି ଗୋଟିଏ ଇଞ୍ଚ ଜମି ଅଧିଗ୍ରହଣ କରିପାରିବ ନାହିଁ ବୋଲି ଶ୍ରୀ ତିର୍କୀ ଏହି ଅବସରରେ ସ୍ୱଷ୍ଟ ଭାବେ ଉଲ୍ଲେଖ କରିଥିଲେ । ଯେଉଁମାନେ ନିରୀହ ଗରିବ ଆଦିବାସୀମାନଙ୍କୁ ବିଭ୍ରାନ୍ତ କରି ଉଭୟ କର୍ପୋରେଟ୍ ସଂସ୍ଥାର ଦଲାଲୀ କରୁଛି ସେମାନଙ୍କୁ ଆଗାମୀ ଦିନରେ ଆଦିବାସୀ ମୂଳବାସୀମାନେ ଉଚିତ୍ ଜବାବ ଦେବେ ବୋଲି କହି ସତର୍କ କରାଇ ଦେଇଥିଲେ । ତେବେ ଆଦିବାସୀ ମୂଳବାସୀମାନେ କାହାର ଦୟାର ପାତ୍ର ନୁହଁ, ସେମାନେ ନିଜର ହକ୍ ଓ ନ୍ୟାର୍ଯ୍ୟ ଅଧିକାର ପାଇଁ ରାଜରାସ୍ତାରେ ଲଢେଇ କରିବାକୁ ପ୍ରସ୍ତୁତ ଅଛି ବୋଲି ଶ୍ରୀ ତିର୍କୀ ଏହି ଅବସରରେ ଚେତାବନୀ ଦେଇ ତୁର' ଏହି ଜମି ଅଧିଗ୍ରହଣ ନୀତିକୁ ବାତିଲ୍ କରିବାକୁ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଯୁବନେତା ମହେଶ୍ୱର ତ'1, ଦିଲ୍ଲୀପ ଲାହିରି, ଆନ୍ନା କୁଜୁର, ସୋନୁ ବଡାଇକ, ନାରୀନେତ୍ରୀ ତେଜ କୁମାରୀ ମି, ଜଷ୍ଟିନ୍ତା ଲାକ୍ରା, ତିରାମଣି ମି ପ୍ରମୁଖ ଉପସ୍ଥିତ ଆଦିବାସୀ ମୂଳବାସୀ ଭାଇଭଉଣୀମାନଙ୍କୁ ଉଦ୍‌ବୋଧନ ଦେଇ ଭିଟାମାଟିର ସୁରକ୍ଷା ପାଇଁ ସମସ୍ତେ ଏକହୋଇ ସଂଗ୍ରାମ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଓଡିଶାର ମାନ୍ୟବାର ରାଜ୍ୟପାଳଙ୍କୁ ଜିଲ୍ଲା ପ୍ରଶାସନର ଏହି ବେଆଇନ୍ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଆଦିବାସୀ ମୂଳବାସୀ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ଅଂଶଗ୍ରହଣ କରି ନିଜର ଭିଟାମାଟିର ସୁରକ୍ଷା ପାଇଁ ବ୍ୟାପକ ଲଢେଇ କରିବାକୁ ଶପଥ ନେଇଥିଲେ ।

## ଲଭ୍ ଟ୍ରି: ପ୍ରକୃତି ପ୍ରତି ସମର୍ପିତ ପ୍ରେମ




ଭୁବନେଶ୍ୱର (ପିଏନ୍): ବିଶ୍ୱବ୍ୟାପୀ 'ଭାଲେଣ୍ଟାଇନ୍ ଡ଼େ'କୁ ପ୍ରେମ ଦିବସ ରୂପେ ପାଳନ କରାଯାଉଥିବା ବେଳେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରଙ୍ଗ, ବେରଙ୍ଗ ମୁରୁଜରେ ଲଭ୍ ଟ୍ରି ତିଆରି କରି ଆସ ଆମେ ପ୍ରକୃତିକୁ ପ୍ରେମ କରିବାର ବଳିଷ୍ଠ ବାର୍ତ୍ତା ଭାଲେଣ୍ଟାଇନ୍ ଦିବସରେ ପ୍ରଦାନ କରିଛନ୍ତି। ସ୍ମାର୍ଟ ସିଟି ଭୁବନେଶ୍ୱରର ପାର୍କ ଠାରୁ ମଲ୍ ଯାଏ ସବୁଠି ପ୍ରେମ ସମ୍ଭାଷଣ ପାଇଁ ଗୋଲାପ ଫୁଲ, ଗ୍ରୀଟିଂସ୍, ଉପହାର ଦିଆନିଆ ଭିତରେ ଭାଲେଣ୍ଟାଇନ୍ ଡ଼େ' ପାଳନ ଦେଖିବାକୁ ମିଳିଥାଏ। ହେଲେ ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ଠାରେ ରହୁଥିବା ସୁଶାନ୍ତ ହୃଦୟ ରୂପକ ବୃକ୍ଷକୁ ସ୍ଥାନିତ କରି ବିଶ୍ୱ ପ୍ରେମ ଦିବସରେ ଆସ ଆମେ ପ୍ରକୃତିକୁ ଭଲ ପାଇବାର ବାର୍ତ୍ତା ସହ ବୃକ୍ଷ ଉପହାର ଦେଇଛନ୍ତି।

# ଶ୍ରୀଲିଙ୍ଗରାଜ ମନ୍ଦିରକୁ ପଲିଥିନ୍, ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ ଉଠିଲା ଦାବି

ଭୁବନେଶ୍ୱର (ପିଏନ୍): ଜାଗର ଯାତ୍ରା। ଏ ନେଇ ଚଳଚଞ୍ଚଳ ଏକାମ୍ର କ୍ଷେତ୍ର। ଏକାମ୍ର କ୍ଷେତ୍ରର ଆରାଧ ଦେବତା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ ଓ ସାନ୍ନିଧ୍ୟ ଲାଭ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଜାଗର ସମୟରେ ଲକ୍ଷାଧିକ ଭକ୍ତ, ଶ୍ରଦ୍ଧାଳୁ, ସାଧୁ, ସନ୍ନ୍ୟାସୀମାନଙ୍କ ସମାଗମ ହୋଇଥାଏ। ଠାକୁରଙ୍କ ନିକଟରେ ଭୋଗ କରିବା ହେଉ କି ଦୀପ ଜାଳିବା ହେଉ ଅନେକ ଭକ୍ତ ମନ୍ଦିର ଭିତରକୁ ପଲିଥିନ୍, ପ୍ଲାଷ୍ଟିକ ଦ୍ରବ୍ୟ ଇତ୍ୟାଦି ଭୋଗ ସାଥିରେ ନେଇ ଆସିଥାନ୍ତି। ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ମନ୍ଦିର ବେଢା ଭିତରେ ଏଣେ ତେଣେ ଫୋପାଡ଼ି ଚାଲି ଯାଇଥାନ୍ତି। ଯଦ୍ୱାରା ଐତିହ୍ୟ, କୀର୍ତ୍ତିରାଜି ମଣ୍ଡିତ ମନ୍ଦିରର ପରିବେଶ ଓ ସୌନ୍ଦର୍ଯ୍ୟ ବିଗିଡ଼ି ଯାଇଥାଏ। ପରବର୍ତ୍ତୀ ସମୟରେ ଯେତେବେଳେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଫେଇ ହୁଏ ସେଗୁଡ଼ିକ ମନ୍ଦିର ବାହାରେ ଆଣି ଗଦାଇଥାନ୍ତି। ବାହାରେ ଏଣେ ତେଣେ ବୁଲୁଥିବା ବୁଲା ଗୋରୁ, ଗାଈ, ଷଣ୍ଢ ଇତ୍ୟାଦି ଜୀବ ଏଗୁଡ଼ିକୁ ଖାଇ ମୃତ୍ୟୁବରଣ କରିଥାନ୍ତି। ଏତଦ୍‌ସହ କିଛି ଅସାମାଜିକ ବ୍ୟକ୍ତି ମନ୍ଦିର ଭିତରେ ପାନ, ଗୁଟ୍‌ଖା, ବିଡ଼ି, ସିଗାରେଟ୍, ଗଞ୍ଜେଇ ଏବଂ ମଦ ପରି ମାଦକ ଦ୍ରବ୍ୟକୁ ବ୍ୟବହାର କରିଥାନ୍ତି। ଯାହ ମନ୍ଦିର ସଫେଇ ସମୟରେ ନଜରକୁ ଆସିଥାଏ। ଏଣୁ ଏ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ସହ ସମ୍ପୂର୍ଣ୍ଣ ରୂପେ ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ କଟକଣା ଜାରି ହେଉ ବୋଲି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଏ ନେଇ ଶ୍ରୀ ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି।




# ବନ୍ୟା ବିପନ୍ନ



ସୁଦର୍ଶନ ମହାପାତ୍ର

କ୍ଲିନିକ୍ ର ଗୋଟିଏ କୋଣକୁ ସୁଜିତ ଚୁପଚାପ୍ ବସିଥିଲା ବାପାଙ୍କ ସହିତ। କାହାରି ମୁହଁରେ ଉଁ କି ଚୁଁ ଶବ୍ଦ ନଥିଲା। ବାପାଙ୍କ ପାଳି ପଡ଼ିବା ପର୍ଯ୍ୟନ୍ତ ଉଦବିଗ୍ନତାର ସହ ବସିଥିଲା ସେ ।କେତେ କ'ଣ ଆଜେବାଜେ ଚିନ୍ତା ମନକୁ ଆସୁଥିଲା ତା'ର।ଗୋଟିଏ ମୁହୂର୍ତ୍ତ ଗୋଟିଏ ଯୁଗ ବୋଲି ପ୍ରତୀତ ହେଉଥିଲା।

କ'ଣ ରିପୋର୍ଟ ଆସିବ? ବିଶେଷ କିଛି ଅସୁବିଧା ହୋଇନି ତ ବାପାଙ୍କର ? ସମସ୍ତ ଧୈର୍ଯ୍ୟ ଏବଂ ସହନଶୀଳତାକୁ ପାରୁ ପର୍ଯ୍ୟନ୍ତ ଏକାଠି କରି ରଖିଥିଲା ସୁଜିତ। ଯଦିଓ ବିନ୍ଦୁ ବିନ୍ଦୁ ଝାଳ ତା କପାଳରୁ ଜକେଇ ଆସୁଥିଲା। ତଣ୍ଟି ଅଠା ଅଠା ହୋଇଯାଉଥିଲା।

କେଜାଣି କେତେଟା ଯୁଗ ଅତିକ୍ରାନ୍ତ ହେଲା ପରେ ବାପାଙ୍କ ନାଁ ଡକା ହେବାର ଶୁଣିଲା ସୁଜିତ୍। ସେ ପ୍ରକୃତିସ୍ଥ ହେଲା। ସିଟ୍ ଛାଡି ଠିଆ ହେଲା।ଥର ଥର ପାଦ ଦୁଇଟାକୁ ଠିକ୍ ଭାବରେ ଥଇଥାନ କରି ରୁମାଲରେ ମୁହଁ ପୋଛିଲା ଏବଂ ଡାକ୍ତରଙ୍କ ଚେମ୍ବର ଭିତରକୁ ଯଥା ସମ୍ଭବ ଧୀର ଗତିରେ ପ୍ରବେଶ କଲା।

-' ପେସେଣ୍ଟ ତୁମର କ'ଣ ହୁଅନ୍ତି ?' ଏଣ୍ଡୋସ୍କ ?ପି ରିପୋର୍ଟ ଦେଖିବା ଭିତରେ ସୁଜିତ୍ କୁ ପଚାରିଲେ ଡାକ୍ତର ।

-' ବାପା। ଆକ୍ତାମାକ୍ତା କଣ୍ଠରେ କହିଲା ସୁଜିତ।'

ଡାକ୍ତର ତା'ର ମୁହଁ କୁ ସିଧା ଚାହିଁ କହିଲେ -' ହାଇ ଗ୍ରେଡ ଡିସପ୍ଲେସିଆ। ଏତେ ଦିନ ଧରି କରୁଥିଲ କ'ଣ? ବହୁତ ଡେରି କରିଦେଲଣି। ଆଜି ଅପରେସନ ପାଇଁ ତୁମେ ପ୍ରସ୍ତୁତ ହୋଇ ପାରିବ ? ବାୟୋପ୍ସି ରିପୋର୍ଟ ଆସିଲେ ପ୍ରକୃତ ଅବସ୍ଥା ଜଣା ପଡ଼ିବ। ଯେତେ ଡେରି କରିବ ସେତେ ବିପଦ। କ୍ୟାନସର ର ସମ୍ଭାବନା ବଢ଼ି ଯାଇ ଜଣେ ମଣିଷ ପାଟିରୁ ବାହାରିଥିବା କେତୋଟି ନିଷ୍ଠୁର ଶବ୍ଦ ପ୍ରଳୟଙ୍କରୀ ବନ୍ୟା ପ୍ରତୀତ ହେଉଥିଲା ସୁଜିତ୍ କୁ। ସତେ ଯେପରି ବିପଦ ସବୁ ନିରାପତ୍ତା ବଳୟ ଭେଦ କରି ତୀବ୍ର ଗତିରେ ମାଡି ଆସୁଛି !ତା ମୁଣ୍ଡ କ'ଣ ହୋଇଯାଉଥିଲା। ପୃଥିବୀ ଯେ ଏତେ ବେଗମାନ ହୋଇ ଘୁରି ପାରେ, ତାକୁ ସେଇକ୍ଷଣି ଅନୁଭବ ହେଉଥିଲା।

ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହିତ କଥାବାର୍ତ୍ତା କରି ସୁଜିତ ଦୁଇ ଲକ୍ଷ ଟଙ୍କା ଯୋଗାଡ଼ରେ ସେଇଦିନ ହିଁ ଲାଗି ପଡିଲା। ପରଦିନ ଅପରେଶନର ଦିନ ଧାର୍ଯ୍ୟ ହେଲା।ନିଜର ସଞ୍ଚୟ, କିଛି ହାତ ଉଧାରି ଯୋଗାଡ କରି ଆଡଭାନସ୍ ଡିପୋଜିଟ କରିଦେଲା । ଟଙ୍କା ଡିପୋଜିଟ ପରେ ହଠାତ୍ ତାକୁ ଖବର ଦିଆଗଲା ଯେ ପରଦିନ ନୁହେଁ ସେଇ ରାତି ଦୁଇଟାରେ ହିଁ ଅପରେସନ ହେବ। ସୁଜିତ ଡାକ୍ତର ମିଶ୍ର ଏବଂ ହସ୍ପିଟାଲର ମହନୀୟତାକୁ ଏବଂ ତତ୍ପରତାକୁ ବଧେଇ ଜଣେଇଲା ମନେ ମନେ।

ବାପାଙ୍କ ପାକସ୍ଥଳୀରେ ଘା ହୋଇଥିବା ଜାଗାକୁ ସଂପୂର୍ଣ୍ଣ କାଟି ଦିଆଯାଇଛି ଏବଂ ତାହା ପ୍ରାୟ ପଞ୍ଚସ୍ତରୀ ପ୍ରତିଶତ ହେବ ଏବଂ କଟାହୋଇ ଯାଇଥିବା ଅଂଶର ବାୟୋପ୍ସି ରିପୋର୍ଟ ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ଡାକ୍ତର ଅପରେସନ ପରେ ବୁଝାଇଲେ। ସେଇ ପର୍ଯ୍ୟନ୍ତ ଆବଶ୍ୟକ ହେଉଥିବା ମେଡ଼ିସିନ,ସାଲାଇନ ଏବଂ ରକ୍ତ ଯୋଗାଡ଼ରେ ଲାଗି ପଡିଲା ସୁଜିତ।

ହସ୍ପିଟାଲ ବେଡ଼ରେ ବାପା ପଡିଛନ୍ତି। ଚାରିଦିନ ପରେ ଆଇ.ସି.ୟୁ ରୁ ଆଜି ଆସିଛନ୍ତି ଜେନେରାଲ ବେଡକୁ। ସୁଜିତ ଆଖିରେ ନିଦ ନାହିଁ। ବାୟୋପ୍ସି ରିପୋର୍ଟ କ'ଣ ଆସିବ ଆଶଙ୍କାରେ ସେ ଉଦବିଗ୍ନ ।ଅସ୍ୱାଭାବିକ ନିରବତାରେ ଫେଣ୍ଟି ହୋଇ ଯାଉଥିଲା ସେ ।ଧସକି ପଡୁଥିବା ମୁହଁକୁ କୋ ?ଣସି ପ୍ରକାରରେ ସହଜ କରିବାକୁ ଆପ୍ରାଣ ଚେଷ୍ଟା କରୁଥିଲା ଯାହା।

ଝିଅ ବାହାଘର ପାଇଁ ବାପା ଖୁବ୍ ଗିଡାଗିଡି କରୁଥିଲେ। ଏପଟରେ ଆଣ୍ଟୁ ଯନ୍ତ୍ରଣା ତାଙ୍କୁ ଯେମିତି କାବୁ କରି ଦେଉଥିଲା। ଡାକ୍ତର ପରାମର୍ଶ କରି ଔଷଧ ଖାଇଲେ ବି ବିଶେଷ ଉପଶମ ମିଳୁ ନଥିଲା। ଏଣିକି ବେଳକୁ କେହି ଜଣେ ବନ୍ଧୁଙ୍କଠାରୁ ବାପା ଯୋଗାଡ କରିଥିଲେ କେଉଁ ଆଶ୍ରମ ପ୍ରସ୍ତୁତ ଆୟୁର୍ବେଦିକ ଔଷଧ। ସତକୁ ସତ ସେଇ ଔଷଧ ଖାଇଲେ ଯନ୍ତ୍ରଣା କମ୍ ଜଣା ପଡୁଥିଲା। ଦିନକୁ ଦୁଇ ତିନିଟା କରି ଔଷଧ ଖାଇ ବାହାଘର କାମରେ ନିଜକୁ ନିୟୋଜିତ କରି ରଖୁଥିଲେ ବାପା।ତା ସାଙ୍ଗକୁ ଖାଇବାରେ ଖୁବ୍ ଅନିୟମିତତା ହୋଇଥିଲା ସେଇ ସମୟରେ।

ଝିଅ ବାହାଘର ପରେ ମଧ ଆଣ୍ଟୁ ଯନ୍ତ୍ରଣା ପାଇଁ ସେଇ କମ୍ପୋଜିସନ ଜଣା ନଥିବା ଧଳା ବଟିକାକୁ ଖାଇବାକୁ ଜିଦ୍ କରୁଥିଲେ ବାପା।ଯାହାର ପରିଣାମ ଏବେ ଭୋଗିବାକୁ ପଡୁଛି ବୋଲି ଡ଼ାକ୍ତରଙ୍କ ମତ।

ଏଇ କେଇଦିନ ତଳେ ହଠାତ୍ ବୋଉ ହାଉଳି ଖାଇ ସୁଜିତ୍ କୁ ଫୋନ୍ କଲା ବାପା ଙ୍କ ବିଷୟରେ ଜଣାଇବାକୁ। ଝାଡାରେ ବେଳେ ବେଳେ ପଡୁଥିବା ରକ୍ତ ସେଦିନ ପିଚ଼କାଳି ଭଳି ଛିଟିକି ପଡ଼ିଥିଲା ଏବଂ ତା ସାଙ୍ଗକୁ ରକ୍ତ ବାନ୍ତି। ସୁଜିତ ପହଞ୍ଚିଲା ଘରେ ଏବଂ ବାପାଙ୍କୁ ନେଇଗଲା ନିକଟସ୍ଥ ସବଡିଭିଜନାଲ ହସ୍ପିଟାଲ୍। ସେଇଠି ଭର୍ତ୍ତି ହୋଇ ପ୍ରାୟ ଛଅ ସାତ ଦିନ ରହିଲା ପରେ ଅବସ୍ଥା ଟିକିଏ ସୁଧୁରିଲା।

ଘରକୁ ଗଲେ ବାପା।ହେଲେ ପନ୍ଦର ଦିନ ଯାଇଛି କି ନାହିଁ ବାପାଙ୍କର ପେଟ ଯନ୍ତ୍ରଣା ଅସହ୍ୟ ହେଲା। ବୋଉ ପ୍ରମାଦ ଗଣିଲା। ସୁଜିତ ବାପାଙ୍କ ଦେହ ଅବସ୍ଥା ବିଷୟରେ ଖବର ପାଇ ସିଧା କଟକ ନେଇ ଆସିଲା ।ଏଇ ପନ୍ଦର ଦିନ ତଳେ ଏତେ ପଇସା ଖର୍ଚ୍ଚ ହୋଇଥିବାରୁ, ପୁଅ ପାଖରେ ପଇସା ନଥିବ ଭାବି ବାପା ସୁଜିତ ହାତରେ ଧରେଇ ଦେଲେ ଗାଆଁ ରୁ ଯୋଗାଡ କରି ଆଣିଥିବା ପାଞ୍ଚ ହଜାର ଟଙ୍କା।

କଟକରେ ପହଞ୍ଚୁ ପହଞ୍ଚୁ ପେଟ କୁ ଚାପିଧରି ବାପା ଖଟ ଉପରେ ଗଡୁଥିଲେ ଯନ୍ତ୍ରଣାର ଆତିଶଯ୍ୟରେ। ବୋଉ ବିକଳ ହୋଇ ଆଉଁଶି ପକଉଥିଲା ବାପାଙ୍କ ଦେହ ମୁଣ୍ଡ। ଡାକ୍ତର ବାପାଙ୍କ ଅବସ୍ଥା ଦେଖି କିଛି ସମୟ ବ୍ୟବଧାନରେ ତିନୋଟି ଇଞ୍ଜେକସନ ଫୋଡିଲା ପରେ ଯନ୍ତ୍ରଣା ଟିକିଏ କମିଲା।

ହେଲେ ଚାରି ପାଞ୍ଚ ଘଣ୍ଟା ଉତ୍ତାରୁ ପେଟର ଯନ୍ତ୍ରଣା ପୁଣି ବଢିଲା। ପରଦିନ ପୁଣି ଥରେ ଏଣ୍ଡୋସ୍କ ?ପି ଏବଂ ବାୟୋପ୍ସି କରାଗଲା।ବାୟୋପ୍ସି ରିପୋର୍ଟରେ ଯାହା ଆସିଲା ସୁଜିତର ପୃଥିବୀ ଯେମିତି ଅକସ୍ମାତ ବିସ୍ଫୋରଣରେ ଧୂଳିସାତ ହୋଇଗଲା । ଯେଉଁ କ୍ୟାନସର କୁ ଭୟ ଥିଲା ସେଇ ହିଁ ତା'ର ପନଝା ମେଲେଇ କବଳିତ କରି ସାରିଛି ବାପାଙ୍କ ଦେହକୁ।

ଡାକ୍ତର ସେଦିନ ରିପୋର୍ଟ ଦେଖି ଘୋଷଣା କରିଦେଲେ ' ଏ ରୋଗରୁ ମୁକ୍ତି ନାହିଁ। ଆଉ କିଛି ଉପାୟ ନାହିଁ। ସବୁଠୁ ଭଲ ହେବ, ଯାଙ୍କୁ ଘରକୁ ନେଇ ସେବା ଯତ୍ନ କର।'

ସାରା ରାତି ନିଦ ନାହିଁ ସୁଜିତ ଆଖିରେ। କେତେଦିନ ବୋଉକୁ ମିଛ ସାନ୍ତ୍ୱନା ଦେଇ ଚାଲିଥିବ ? ବାପା ଙ୍କ ରୁମକୁ ଆସିଲା।ନିରିଖେଇ ଦେଖିଲା ହାଡ଼ କେଇଖଣ୍ଡ ଉପରେ ଧୁଡୁଧୁଡୁ ଚମଡା ଚାଦର ଟିଏ ଢଙ୍କା ଯାଇଥିବା ମଣିଷଟିକୁ।ରାଶି ରାଶି ଯନ୍ତ୍ରଣାକୁ ନିଜ ଭିତରେ ରଖି ଆଖି ବୁଜି ପଡିଛନ୍ତି। ଆଉ କେଇଟା ଦିନ ପରେ ବାପା ନାମକ ଏଇ ଅନ୍ତରଙ୍ଗ ଐଶ୍ୱର୍ଯ୍ୟଟି ହାତଛଡ଼ା ହୋଇଯିବ।'ବାପା' ବୋଲି ଅମୃତମୟ ଡାକଟି ଶୂନ୍ୟ ରେ ମିଳେଇଯିବ ! ବୋଉ ଖଟ କଡ଼କୁ ପ୍ରଶ୍ନବାଚୀ ଚିହ୍ନ ଭଳି ମୋଡ଼ି ହୋଇ ଶୋଇଥିଲା।

ପ୍ରଚ଼ଣ୍ଡ କୋହ ଆସୁଥିଲା ଭିତରୁ।କାନ୍ଦ ଓ ଲୁହ ଲୁଚେଇବା ପାଇଁ ସୁଜିତ୍ ବାଥରୁମ ଯାଇ ଟ୍ୟାପ ଖୋଲିଦେଲା।

ବାପାଙ୍କ ପେଟ ଯନ୍ତ୍ରଣା ଅସହ୍ୟ ହେଉଥିଲା। ବୋଉ ଅହରହ ଚିପୁଡି ହୋଇ କାନ୍ଦୁଥିଲା। ଜଣେ ଦୁଇ ଜଣ ବନ୍ଧୁଙ୍କ ପରାମର୍ଶ କ୍ରମେ ବାପାଙ୍କୁ ଗୋଟିଏ ଘରୋଇ କ୍ୟାନସର ହସ୍ପିଟାଲରେ ଭର୍ତ୍ତି କଲା ସୁଜିତ୍। ଏତିକି ବେଳକୁ ଦରକାର ହେଉଥିବା ଟଙ୍କା ତା ପାଖରେ ନଥିଲା। ଭଉଣୀ ଖବର ପାଇ ଶାଶୁଘରୁ ଆସି ତା'ର ସାଧ ମୁତାବକ ଟଙ୍କା ବୋଉ ହାତରେ ଦେଇଗଲା। ସେଇଟା ସମୁଦ୍ରକୁ ଶଙ୍ଖ ? ଭଳି।

ପତ୍ନୀ ଙ୍କ ଶରଣ ପଶିବାକୁ ବାଧ ହେଲା ସୁଜିତ ।ନିଜର ଅଶାନ୍ତି କୁ ସମବେତ ଭାବରେ ଜାହିର କଲେ ବି ଅନାହୂତ ବିପଦ ବିପକ୍ଷରେ ଲଢେଇ ପାଇଁ ବାଧହୋଇ ନିଜର ଗହଣାତକ ସ୍ୱାମୀଙ୍କ ହାତରେ ସଅଁପି ଦେଲେ ପତ୍ନୀ। ସୁଜିତ ସେଇ ଗହଣା ବଦଳରେ ବ୍ୟାଙ୍କ ରୁ ଋଣ ଉଠାଇଲା।

ପାଞ୍ଚଦିନ ଅନ୍ତରରେ ତିନୋଟି କେମୋଥେରାପି ନେଇ ବାପାଙ୍କ ଅବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେଲା। ଡାକ୍ତର ପରବର୍ତ୍ତୀ କେମୋଥେରାପି ତାରିଖ ଜଣାଇ ଡିସଚ଼ାର୍ଯ କରିଦେଲେ। ଦୀର୍ଘଦିନର ଯନ୍ତ୍ରଣାରୁ ସାମୟିକ ଉପଶମ ପାଇ ବାପାଙ୍କ ମୁହଁ ଟିକିଏ ଉଜ୍ୱଳ ଦିଶୁଥିଲା।

ବୋଉ ବାହାରିଲା ଗାଆଁ କୁ। ଗାଆଁର ସବୁ ଦେବାଦେବୀଙ୍କୁ ମାନସିକ କରିଥିଲା। ସବୁତକ ମାନସିକ ପୂରଣ କରିବାକୁ ତତ୍ପର ହୋଇ ପଡିଲା ସେ।

ଗ୍ରାମ ଦେବତୀ, ହନୁମାନ ମନ୍ଦିର, ତାରିଣୀ ମନ୍ଦିର, ଆଖଣ୍ଡଳମଣି ମେଳା, ଶିବମନ୍ଦିରରେ ରୁଦ୍ରାଭିଷେକ... ଇତ୍ୟାଦି ଇତ୍ୟାଦି ପୂଜାର୍ଚ୍ଚନା ରେ ବ୍ୟସ୍ତ ରହୁଥିଲା ବୋଉ ଏବଂ ପ୍ରତିଦିନ ଗାଁ ରୁ ବାପାଙ୍କ ଦେହ କଥା ପଚ଼ାରୁଥିଲା ।ତା ବିଶ୍ୱାସ କୁ ଭାଙ୍ଗି ହୋଇ ଥାଆନ୍ତା କି ସେଇ ସମୟରେ ? କହି ହେଇଥାନ୍ତା କି ସେଇ ରୋଗର ବିଭୀଷିକାମୟ ଆଁ ଭିତରୁ ବାପାଙ୍କୁ ମୁକୁଳେଇବାର ଆଉ କିଛି ଉପାୟ ନାହିଁ ବୋଲି ??

ଏହା ମଧ୍ୟରେ ଆଉ ଗୋଟିଏ କେମୋଥେରାପି ନେଇ ସାରିଥିଲେ ବାପା।ହଠାତ୍ ଦିନେ ପାହାନ୍ତିଆରୁ ଗୋଟେ ଯନ୍ତ୍ରଣା ଜର୍ଜରିତ ଚିତ୍କାର ଭାଙ୍ଗିଦେଲା ସୁଜିତର ନିଦ। ବିଛଣାରେ ହିଁ ରହି ହେଲାନି । ପହଞ୍ଚିଗଲା କ୍ଷଣକରେ ବାପାଙ୍କ ରୁମରେ।

-' ଓଃ, କି କଷ୍ଟ! ସହି ହେଉନି ! କାଟି ପକା ମୋ ପେଟକୁ।ସେ ନିଆଁ ହୁଳା କୁ ଲିଭାଇ ଦେ । ନହେଲେ ମୋତେ ଆଣି ବିଷ ଦେଇ ଦେ।' ସୁଜିତ ଉଦ୍ଦେଶ୍ୟରେ ନିଜର ଦୟନୀୟ ଅବସ୍ଥାକୁ କରୁଣ ଭାବରେ ପ୍ରକାଶ କରୁଥିଲେ ବାପା।

ଦିନକୁ ଦିନ ବାପା କବଳିତ ହୋଇ ଯାଉଥିଲେ ସେଇ ଭୟଙ୍କର ରୋଗ ପନଝାରେ।ଘର ଭିତରୁ ଅହରହ ଶୁଭୁଥିଲା ମରମ ଥରା ଚିତ୍କାର। ସତେକି ସଂସାରର ସମସ୍ତ ଯନ୍ତ୍ରଣା ସଙ୍କୁଚିତ ହୋଇ ରହିଛି ସେଇ ବାର ବାଇ ଦଶ ରୁମ ଭିତରେ।

ଏମିତି ଭାବନା ଭିତରେ ସୁଜିତ୍ ବାରମ୍ବାର ପହଞ୍ଚିଯାଏ ଡାକ୍ତରଙ୍କ ପାଖରେ। ବାପାଙ୍କ ଯନ୍ତ୍ରଣା କଥା କହୁ କହୁ ସତକୁ ସତ କାନ୍ଦି ପକାଏ। ଡାକ୍ତର ନିଜକୁ ଗୁରୁତ୍ୱହୀନ, କ୍ଷୁଦ୍ର ମନେ କରନ୍ତି ତା' ଆବେଶ ନିକଟରେ। ମନ ବୁଝିବାକୁ ଲେଖି ପକାନ୍ତି ଏଣୁ ତେଣୁ କିଛି ଇଞ୍ଜେକସନ, ଔଷଧ। ସେସବୁକୁ ଧରି ସେ ଧାଏଁ ଘରକୁ। ସତେ ବିଶଲ୍ୟକରଣୀ ରୂପକ ମହୌଷଧି ଗନ୍ଧମାର୍ଦନ ପର୍ବତରୁ ଆଣି ଆସିଛି ! ଡାକ୍ତରଙ୍କ କହିବାନୁଯାୟୀ ବାପାଙ୍କୁ ଔଷଧ ଦିଏ। ଭାବେ ଏଥର ବାପା ଟିକିଏ ଆରାମରେ ଶୋଇ ପଡନ୍ତେ ହେଲେ ! ବୋଉର ମନସ୍କାମନା ପୂରଣ ହୋଇ ଯାଆନ୍ତା ହେଲେ!

ଦିନକୁ ଦିନ ଖରାପ ଆଡକୁ ଯାଉଥିଲା ବାପାଙ୍କ ଅବସ୍ଥା।ଜମି ବିକ୍ରି କରି ଟଙ୍କା ଯୋଗାଡ଼ କରିବାକୁ ବୋଉର ଆଶା ସେ ପର୍ଯ୍ୟନ୍ତ ପୂରଣ ହୋଇନଥିଲା। ବାପା ଖୋଜୁଛନ୍ତି କହି ବୋଉକୁ ଗାଁ ରୁ ଡକାଇ ନେଇ ଆସିଲା ସୁଜିତ। ବୋଉ ଅବଶ୍ୟ ଆଶା ବାନ୍ଧି ବସିଥିଲା ବାପା ଭଲ ହୋଇଯିବେ ବୋଲି। ତା ଉପବାସ, ବ୍ରତ, ମାନସିକ, ପ୍ରାର୍ଥନା ଉପରେ ତା'ର ଭରସା ଥିଲା।ତା ଆରାଧ ଦେବତା ମାନଙ୍କ ଉପରେ ଥିଲା ବି ଅଖଣ୍ଡ ବିଶ୍ୱାସ । ସେ ଯେ ସଧବା ବେଶରେ ସଂସାରରୁ ବିଦାୟ ନେବ , ଅହର୍ନିଶି ଏତିକି ମାଗୁଣି ଥିଲା ତା'ର ଠାକୁରଙ୍କ ପାଖରେ କେଉଁ ଦିନରୁ।

ବୋଉ ବିନା ପଇସା ଯୋଗାଡରେ ଗାଁ ରୁ ଆସିଲା ପରେ ବାପା ଆହୁରି ଭାଙ୍ଗି ପଡିଲେ। ସୁଜିତ ଯେ ପଇସା ପାଇଁ ବାର ଦୁଆର ହେଉଛି ବୁଝି ପାରୁଥିଲେ ବାପା। ଆଶା କ୍ରମଶଃ ହ୍ରାସ ପାଉଥିଲା ନିଜର ସଙ୍ଗୀନ ଅବସ୍ଥା ଦେଖି। ହେଲେ ବୋଉ କାଳ କଥା ନକହିବାକୁ ବାପାଙ୍କୁ ବାରମ୍ବାର ଅନୁରୋଧ କରୁଥିଲା।

ସେଦିନ ରାତିରେ ବାପାଙ୍କ ଯନ୍ତ୍ରଣା ନୁହେଁ ବୋଉର କାନ୍ଦରେ ନିଦ ଭାଙ୍ଗିଲା ସୁଜିତର। ପ୍ରମାଦ ଗଣିଲା ସୁଜିତ ।ଯାଇ ଦେଖିଲା ବୋଉ ମଥାରେ ହାତ ଥୋଇଛନ୍ତି ବାପା । ବୋଧହୁଏ ସବୁ ସତକଥା ?କହି ଦେଇଛନ୍ତି ତା ଆଗରେ। ଭାଙ୍ଗି ଦେଇଛନ୍ତି ବୋଧହୁଏ ତା'ର ଧୈର୍ଯ୍ୟବନ୍ଧ! ସୁଜିତ ଆଉ ଗଲାନି ସେମାନଙ୍କ ପାଖକୁ। ଫେରି ଆସିଲା।ନିଜ ଭିତରେ ଉଦ୍ଗିରଣ ହେଉଥିବା କୋହକୁ ସମ୍ଭାଳି ପାରୁନଥିଲା ସେ। ମଥାରେ ପତ୍ନୀଙ୍କ ହାତ ସ୍ପର୍ଶ ତାକୁ ପ୍ରକୃତିସ୍ଥ କରିବାକୁ ଚେଷ୍ଟା କରୁଥିଲା।

ସକାଳୁ ସୁଜିତ ଗଲା ସେ ରୁମକୁ। ବାପା ଶୋଇଛନ୍ତି। ବୋଉ ତାଙ୍କ ପାଦତଳେ ଲୋଟି ପଡିଥିଲା । ବାପାଙ୍କ ହାତରେ ବୋଉର ଦୁଇପଟ ଚୁଡ଼ି ଦେଖିଲା ସୁଜିତ। କାଳେ ବାପାଙ୍କ ନିଦ ଭାଙ୍ଗିବ ବୋଲି ବୋଉକୁ ଧିରେ ଡାକିଲା ସୁଜିତ। ବୋଉ ଶୁଣୁନି। ଆଉଥରେ ଡାକିଲା। ବୋଉ ଶୁଣୁନି। ଟିକେ ବଡ଼ ପାଟିରେ ଡାକିଲା। ବାପାଙ୍କ ନିଦ ଭାଙ୍ଗିଲା ସିନା ବୋଉ ନିଦ ଆଉ ଭାଙ୍ଗି ନଥିଲା। ବୋଉ ଆଉ ଇହ ଜଗତରେ ନଥିଲା।

-' ଏଇ ଦୁଇ ପଟ ଚୁଡ଼ି ତୋ ବୋଉ କାଲି ରାତିରେ ମୋତେ ଦେଇଥିଲା ତୋ ପାଇଁ। ଟଙ୍କା ପାଇଁ ତୁ ଭାରି ହନ୍ତସନ୍ତ ହେଉଛୁ ବୋଲି ସେ ଭାରି ଦୁଃଖ କରୁଥିଲା।' ବହୁତ କଷ୍ଟରେ ଏତିକି କହି ପାରିଲେ ବାପା।

ଜୀବନ ନଈରେ ବିପଦ ବନ୍ୟାର ପ୍ରକୋପ ଆହୁରି ଦୁଃଖ ଦେବାକୁ ଯେମିତି ବଦ୍ଧପରିକର ହୋଇ ପ୍ରବାହିତ ହେଉଥିଲା । ନିୟତି ବିପକ୍ଷରେ ନିରୁପାୟ ସୁଜିତ ନିଜକୁ ପ୍ରବୋଧନା ଦେବାକୁ ଲୁହର ବନ୍ୟାରେ ଅବଗାହନ କରୁଥିଲା...!!!

କୁଞ୍ଜବିହାରୀ ଲେନ, କଟକ

## ଶୀତ ଶାୟରୀ

ରତ୍ନକାନ୍ତି ମିଶ୍ର



ଶୀତ ଧିରେ ଧିରେ ବଢିଲେ ଯେପରି
ଦିନର ଅବଧି ହୁଅଇ କ୍ଷୀଣ
ଅଭାବର ଶୀତ ବଢ଼ିଲେ ସେପରି
ଝାଉଁଳି ପଡଇ ଦରିଦ୍ର ମନ ॥
ଘନ କୁହୁଡିର ଚାଦରକୁ ସିନା
ଚିରି ଦେଇପାରେ ଖରାର ଛୁରୀ
ସନ୍ଦେହ କୁହୁଡି ନାଶ ହୁଏ ନାହିଁ
ଥରେ ଯଦି ଯାଏ ମନରେ ଜଡ଼ି ॥
ପ୍ରକୃତି କୁ ସିନା ବିବିଧ ରଙ୍ଗରେ
ଭରି ଦେଇଥାଏ ଶୀତର ତୂଳୀ
ଦୁଶ୍ଚିନ୍ତାର ତୂଳୀ ମନରେ କେବଳ
ଧୂସର ରଙ୍ଗକୁ ଦିଅଇ ବୋଳି ॥
କମ୍ବଳ ରେଜେଇ ପାଶେ ଥିଲେ ସିନା
ଶୀତର ପ୍ରକୋପ ଲାଗଇ ଉଣା
ମଣିଷ ପଣିଆ ଉଣା ହୁଏ ଯେବେ
ଲାଗଇ ବିବେକ ହୋଇଛି ବଣା ॥
ପୁନେଇଁ ଜହ୍ନର ନିଟୋଳ ତନିମା
ଶୀତରେ କିଞ୍ଚିତ ଲାଗଇ ମ୍ଳାନ
ଉଦାସି ପରାଣ ବୀଣାରେ ଯେପରି
ଉକୁଟି ଉଠେନି ଖୁସିର ତାନ ॥

ଆଳି, କେନ୍ଦ୍ରାପଡା

## ତୁମକୁ ବୁଝିବା କଷ୍ଟ

ନିରଞ୍ଜନ ସାହୁ



ତୁମରି ମନକୁ ବୁଝିବା କଠିନ
ଜାଣିବା ବହୁତ କଷ୍ଟ
ତୁମ ପାଇଁ ମୋର ଅନେକ ସମୟ
ଅଯଥା ହୋଇଛି ନଷ୍ଟ ।
ନିଜକୁ ଟିକିଏ ପଚ଼ାରି ବୁଝିଲେ
ଜାଣି ହୋଇଯିବ ତାହା
ନିଜକୁ ପାରଖ ନିଜେ ଜାଣିଯିବ
କରିଅଛ ତୁମେ ଯାହା
ଦୁନିଆ ଆଖିରେ ତୁମ ପରିଚ଼ୟ
ତୁମେ ଭାରି ଶାନ୍ତଶିଷ୍ଟ ।
ପୃଷ୍ଠା ପୃଷ୍ଠା କରି ତୁମକୁ ପଢ଼ିଛି
ଗୋଟେ ଧାଡି ଛାଡ଼ିନାହିଁ
ତଥାପି ଅବୁଝା ଅବୁଝା ଲାଗଇ
ବୁଝିବାକୁ ଅଛି ଚାହିଁ
ଦୟାକରି ଟିକେ ବୁଝାଇ ଦିଅନା
ଏ ପିଲାଟା ଭାରି ଦୁଷ୍ଟ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬

## ଇଶ୍ୱରଙ୍କ ବଗିଚ଼ା

ପୂର୍ଣ୍ଣଚନ୍ଦ୍ର ବହଳୀ



ଈଶ୍ୱର ନିଜ ବଗିଚ଼ାକୁ ଲକ୍ଷ୍ୟ କଲେ
ଖାଲି ଜାଗାଟିଏ ଦେଖିଲେ
ପୁଣି ସେ ଧରିତ୍ରୀକୁ ଅନାଇଲେ
ଗୋଟିଏ ଥକିଯାଇଥିବା ଚେହେରା ଦେଖିଲେ
ସେ ନିଜର ବାହୁ ପ୍ରସାରି
ତୁମେ ଶାନ୍ତି ପାଇବା ପାଇଁ
ଆରାମ ନିମନ୍ତେ ତୁମକୁ ନେଇଗଲେ।
ଈଶ୍ୱରଙ୍କ ବଗିଚ଼ା ଖୁବ ସୁନ୍ଦର
ତାଙ୍କ ବଗିଚ଼ା ପାଇଁ
ଭଲ ଲୋକଟିଏ ଦରକାର
ସେ ଜାଣିଲେ ତୁମେ କଷ୍ଟ ପାଉଛ
ତୁମ ପାଇଁ ରାସ୍ତା ପାରିହେବା ସହଜ ନୁହେଁ
ତେଣୁ ସେ ତୁମର ଥକା ଚେହେରାର
ଆଖିକୁ ବନ୍ଦ କରିଦେଇ ଫୁସଲେଇଲେ
କି ତୁମେ ଶାନ୍ତିରେ ରହିବ ଚାଲ ।
ତୁମକୁ ହରାଇ
ମୋର ହୃଦୟ ବିଚ଼ଳିତ ହୋଇଗଲା
କାରଣ ମୋର ଗୋଟିଏ ଅଂଶ
ତୁମର ଆତ୍ମା ସହିତ ଚାଲିଗଲା
ଯେଉଁଦିନ ଈଶ୍ୱର ତୁମକୁ
ତାଙ୍କ ଘରକୁ ନେଇଗଲେ ।

ସମ୍ପାଦକ, ଶିବାନୀ, ଭଦ୍ରକ

## ତଥାପି....!

ରମାକାନ୍ତ ଦାସ



ତଥାପି....!
ଆଜି ତୁମପାଇଁ
ମୋ ଆଖିରେ
ଆଖିଏ ଅପେକ୍ଷା
ମୋ ମନର ଭାବନା
ମୋ ଏକାନ୍ତପଣ
ମୋ ନିରବତା
ମୋ ଅନୁଭବୀ ସ୍ୱପ୍ନ
କରିଛନ୍ତି ଅପେକ୍ଷା ॥
ତୁମେ ଗଲାପରେ
ଶୁନ୍ ଶାନ୍ ରାତିରେ
ଆକାଶର ଜହ୍ନ ଆଲୁଅ ତଳେ
ତୁମ ଅଭୁଲା ସ୍ମୃତି ସବୁ
ମୋ ମନରେ କୁହୁଳେ
ମେଞ୍ଚାଏ ଅବଶୋଷ
ପୁଳାଏ ଆଶଙ୍କା
ଆଞ୍ଜୁଳାଏ ଲୁହ
ମୁଠାଏ କୋହ
ଆଖିରୁ ବହି ଆସୁଥିବା
ଦୁଇଧାର ଉଷ୍ମ ଲୁହର ସ୍ପର୍ଶରେ
ମୁଁ ତୁମ ପାଇଁ ଜଳୁଥାଏ ନିରୋଳାରେ
ତୁମ ଝପ୍ସା ଝାପ୍ସା ସ୍ମୃତି ସବୁକୁ
ଲିଭେଇବାକୁ ଚାହିଁଲେ ବି
ଲିଭେଇ ପାରେନି
ଖୋଲା ଆକାଶର ମରୁଭୂମି ତଳେ
ମୁଁ ତୁମକୁ ଖୋଜୁଥାଏ
ଅନ୍ଧାର କାଳିମାରେ ॥

ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ଚିତ୍ରକର

ସୁଧାକର ରାଉତ



ଚିତ୍ରକର ଟେ ସାଜି
ମନ କାନ୍ ଭାସ୍ ରେ ଆଙ୍କି ଚାଲିଛି
ଅଗଣିତ ଦୁର୍ବୋଧ ଛବି
ନିଜେ ପ୍ରାସଙ୍ଗିକ ବା ଅପ୍ରାସଙ୍ଗିକ
ଭାବନାରେ ଭିଜି ।
କିଏ ଅବା ରଙ୍ଗ ସହ
ସାଲିସ କରେ ନିଜକୁ
ମୋ ଅବୁଝା ମନକୁ ସୁହାଇଲା ଭଳି
ଚାହେଁ ମୋ ମୁହଁକୁ ।
ମୁଁ ସେଥିରୁ ପାଏ ପୁଳାଏ ଆତ୍ମ ସନ୍ତୋଷ
ମେଞ୍ଚା ମେଞ୍ଚା ଅଯଥା ପ୍ରେରଣା ।
ଆଉ ଯେଉଁମାନେ ଫେରାନ୍ତି ମୁହଁ
ସେମାନଙ୍କ ଚାହାଣୀ
ମୋ ନିର୍ଲିପ୍ତତା ରେ
ଭରିଦିଏ ଅକୁହା
ବେଦନା ର କାହାଣୀ ।
ମନରେ ଖେଳିଯାଏ
ଅସନ୍ତୋଷର ଶିହରଣ
ରଙ୍ଗ, ତୂଳୀରେ
ଅନ୍ୟର ମନ ଛୁଇଁବା
ସତେ କଣ ପ୍ରହସନ ?
ବ୍ୟାକୁଳ ମନ
ନାନା ଛଳରେ ହୋଇ ଛନ୍ଦାୟିତ
ଛୁଇଁବାକୁ ଚାହେଁ
କାଚ଼କାନ୍ଥ ରେ ପ୍ରତିବିମ୍ବିତ
ଗଗନର ଚୁମ୍ବନ ।

ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨

## କବିତା

ଆଦ୍ୟାଶା ମହାପାତ୍ର



ସାହିତ୍ୟ କାନନେ ଭାଷା କୁସୁମର
ରସମୟ ମାଦକତା
ଭାବମୟ ରସ ମାଧୁର୍ଯ୍ୟ ପୀୟୂଷ
କବିତାର ସାରସତ୍ତା ॥

ପ୍ରେମ ବନ୍ଧନର ମିଳନ ଅର୍ଘ୍ୟରେ
ପ୍ରୀତିର ପବିତ୍ର ଧାରା
ଶାନ୍ତି ସଂପ୍ରୀତି ସ୍ନେହ ଅନୁରାଗେ
କବିତା ଦିଶଇ ତୋରା ॥

ଦିବ୍ୟ ଚେତନାର ତନ୍ମୟ ତରଙ୍ଗେ
ଗହନ ଗୋପନ ତତ୍ତ୍ୱ
ତାମସା ବିଦାରି ଦିଶା ପ୍ରଦର୍ଶନେ
କବିତା ହିଁ ଦିବ୍ୟ ପଥ ॥

କବିତା ବଖାଣେ ସୁଧାଶିକ୍ତ ପ୍ରାଣେ
ମାନବୀୟ ସ୍ନେହ ପ୍ରୀତି
ଅସରା ଭାବର ମୁଗ୍ଧ ମନୋହର
ଅନୁରାଗ ଭରା ଗୀତି ॥

କବିତା ସୃଜନ କବି ହୃଦୟର
ମୁଗ୍ଧ ମନୋହର ଭାଷା
ପାଠକ ଅନ୍ତରେ ମଣି ମଞ୍ଜୁଳ
ମଧୁକ୍ଷରା ଅଭିଳାଷା ॥

କବିତା ତ ଏକ ଭାବ ପୀୟୂଷର
ଅନିର୍ବାଣ ଅନୁରକ୍ତି
ଚାରୁ ଚିତ୍ରକଳା ଜ୍ଞାନକୋଷ ଭରା
ପ୍ରଜ୍ଞାମୟୀ ଅଭିବ୍ୟକ୍ତି ॥

କବିତା କଳାପ ଅଖିଳ ଆଳାପ
ମାଧୁର୍ଯ୍ୟ ମହକ ଦୀପ୍ତି
ବାଣୀ ବିପଣନେ ବିଶ୍ୱ ମନ ଜିତା
ସ୍ୱସ୍ତିମୟ ଦିବ୍ୟ ପ୍ରାପ୍ତି ॥

ନୂଆପଡା, କଟକ

# ଶେଷ ସର୍ଯ୍ୟାସ୍ତ



ସୁଚରିତା ମହାନ୍ତି

ଦେହଟା ଦିନ କୁ ଦିନ ନିସ୍ତେଜ ହେଇ ପଡୁଚି, ଟିକିଏ ହେଲେ ଆଉ ବଳ ପାଉନି।

ଘର ଠୁଁ ବାଡ଼ିଟା ଯାକରେ କେଉଁଠି ଆଉ କିଛି ସଫାସୁତରା ନାହିଁ କି ସଜଡ଼ା ସଜଡ଼ି ହେଇ ରହୁନାହିଁ ।ଶ୍ୱଶୁର ତିଆରି କରିଥିବା ଦୋମହଲା ମାଟି ଘର ଟା ଏବେ ବିପଦ ଶଙ୍କୁଳ ଅବସ୍ଥାରେ ଠିଆ ହୋଇ ରହିଚ଼ି।

ଚାରିଆଡ଼ ? ରଣଭଣ ହେଇ ଜିନିଷ ସବୁ ଏଠି ସେଠି ପଡ଼ିରହିଚ଼ି । ବେଳେବେଳେ ଏସବୁ ଦେଖି ଭାରି ଅସହ୍ୟ ହେଉଚ଼ି। କ'ଣ ଥିଲା କ'ଣ ହେଲା। ମଣିଷ ଯେପରି ଆଉ ବୋଲ ମାନୁ ନାହାନ୍ତି ସେମିତି ଘର ଦୁଆର ବି ଆଉ ବୋଲ ମାନୁ ନାହାନ୍ତି।

ଶୀତୁଆ ପବନ ଝଲକେ ଦେହକୁ ଥରେଇ ଦେଉଚ଼ି ।ଗଛ ଏବେ ଥୁଣ୍ଟା ପାଲଟି ଗଲାଣି। ଶାଖା ପ୍ରଶାଖା ରେ ପତ୍ରଟିଏ କଅଁଳିବାକୁ ନାହିଁ। ଆଶା ଭରସା ଗୁଡ଼ିକ ଅଣନିଃଶ୍ୱାସୀ ହୋଇପଡ଼ିଲେଣି ।

କୁଆଡ଼ ? ହଜିଗଲା ସେ ଦିନ,କିଏ କୁଆଡ଼ ? ଚାଲିଗଲେଣି,ମରିହଜି ଗଲେଣି । କେହି କେବେ ଦାଣ୍ଡଦୁଆର କୁ ଆସିଲେ ତାଙ୍କ ସହ ବସି ସୁଖଦୁଃଖ ବାଣ୍ଟି ଲେ ମନ ଟିକେ ହାଲ୍କା ହେଉଥିଲା । ଏବେ ସେସବୁ ଆଉ ନାହିଁ ।

ଚାଷବାସ ଅଛି ନା ଗାଈ ଗୁହାଳ,ମାଛ ଗାଡ଼ିଆ, ଫୁଲବଗିଚ଼ା ସବୁ ମାଟିରେ ମିଶି ଯାଇଚ଼ି।

କେହି ନଥିଲେ ବି ନାଲି ଗାଈ ,ଜଟି,ଝାମ୍ପୁଡ଼ି, ଗୁରୁବାରି ସହିତ କଥା ପଦେ ହେଇଗଲେ କାହିଁ ରେ କେତେ। ସେମାନେ ସମସ୍ତେ ଜଣଂକ ପରେ ଜଣେ ଚାଲିଗଲେ। କେବେ କେବେ ଆଉ କେତେକ ନିଜର ଲାଗୁଥିବା ମଣିଷ ଗୁଡ଼ିକ ରୋଗ ବୈରାଗ ରେ ମରିବା ଖବର ଶୁଣି ଶୁଣି ଆଖି ରୁ କେଇ ବୁନ୍ଦା ଲୁହ ଝରି ପଡ଼ ?।

ଘର ଆଉ ଘର ପରି ଲାଗୁନି ।ପିଣ୍ଡରୁ ପ୍ରାଣ ନଯିବା ଯାଏଁ ମୋ ଘର ମୋ ପିଲାଛୁଆ ମୋର ଆଉ ମୋର । ଆଖି ଯୋଡ଼ିକ ପିଲାମାନଙ୍କ ପାଖରେ ଲାଖି ଥାଏ। କିଏ କ'ଣ ଖାଇଲା କି ନାହିଁ,ଦେହ ପା' ଭଲମନ୍ଦ ଅନବରତ ସେଇ ଚିନ୍ତା।

ଏଇ ଛୋଟିଆ ଶବ୍ଦ'ମୋର'ଭିତରେ ପିଲାମାନେ କେବେ ଭାବନ୍ତି ନାହିଁ ବାପା ମା' ଆମର ବୋଲି। ସେବେଠାରୁ ସେମାନେ ବଡ଼ ହୋଇଯାନ୍ତି, ଯେବେଠୁ ତାଙ୍କ ମୁଣ୍ଡକୁ ହାତ ପାଇ ଯାଏ।

ନିଜ ନିଜର ସ୍ୱାର୍ଥ କୁ ଜାବୁଡ଼ି ଧରି ଯିଏ ଯାହାର ବାଟ ଧରନ୍ତି ।ଆଉ ଗାଁ, ଘର, ବାପା ମା', ଚାଷବାସ ଏସବୁ କୁ ପଚାରେ କିଏ।

ବୁଢ଼ା ଶ୍ୱଶୁର ଥିଲେ ଭାରି ଲକ୍ଷ୍ମୀବନ୍ତ,ସେ ଥିବା ସମୟରେ କେଉଁଥିରେ ଉଣା ନଥିଲା ।ଘର ଟି ପୁରିଲା ପୁରିଲା ଲାଗୁଥିଲା। ବାଡ଼ି ବଗିଚ଼ା ରେ ବିଭିନ୍ନ ପ୍ରକାରର ଫୁଲ ଫଳ,ପନିପରିବା ଚାଷ ସବୁସମୟରେ ଲାଗି ରହୁଥିଲା ।ପିଲାଛୁଆଙ୍କୁ ନେଇ ପରିବାର ସତେକି ସ୍ୱର୍ଗପୁର ପାଲଟି ଯାଇଥିଲା। ଦୁଧ,ଦହି,ଘିଅ, ଛେନା ,ମାଛ,ମାଂସ, ପିଠା ପଣା ରେ ଘର ମହକି ଉଠୁଥିଲା, ପୂନେଇଁ ପର୍ବ ବେଶ୍ ଧୁମ୍ ଧାମରେ ପାଳନ ହେଉଥିଲା।

ସଞ୍ଜ ନଇଁଲେ ଦାଣ୍ଡ ପିଣ୍ଡାରେ ପିଲାମାନଙ୍କର ପ୍ରାର୍ଥନା ବୋଲିବା ଆଉ ଶୁଭୁ ନାହିଁ, କେବେ 'ଆହେ ଦୟାମୟ ବିଶ୍ୱବିହାରୀ' ପୁଣି କେବେ 'ଆସ ବାଣୀ ବୀଣାପାଣି' ତ ପୁଣି କେବେ 'ହେ ଆନନ୍ଦମୟ କୋଟି ଭୁବନ ପାଳକ', ।

ଆଉ କେହି ଅଳି ଅଝଟ କରୁନାହାନ୍ତି। ଗୋଧୂଳିର ହମ୍ବାରଡ଼ି ଆଉ କେବେ ଶୁଭୁନି ।ଯେମିତି କାଲି ପରି ଲାଗୁଚ଼ି, ଧାନ କଟା ହେଇ ଖଳା ଯାକ ଭର୍ତ୍ତି ।ପାହାଡ଼ ପରି ତିନୋଟି କଳେଇ ଗଦା ଦେଖିଲେ ଆଖି ପାଏନା। ବର୍ଷସାରା ର ଯେତେ ଆବଶ୍ୟକ ସବୁ ପାଇଁ କଳେଇ କେବେ ନିଅଣ୍ଟ ପଡ଼ ?ନି। ଘର ଛପର ଠୁଁ ଆରମ୍ଭ କରି ଗୁହାଳ ଭର୍ତ୍ତି ଗୋରୁଗାଈ ଆରାମରେ ଖାଇ ବଞ୍ଚୁଥିଲେ।

ବାଦୁ, କୁଶନ,ରେଣ୍ଟା ସାନ୍ତାଳ ବଡ଼ି ଭୋରୁ ଗୀତ ଗାଇ ଗାଇ ବଳଦ ଆଣି ପତୁଳି ପକେଇବା ଦୃଶ୍ୟ ଆଜି ବି ଆଖି ଆଗରେ ନାଚ଼ି ଉଠୁଚ଼ି। ପାଚ଼ିଲା ଧାନ ର ବାସ୍ନା ଏବେ ବି ମନକୁ ଆନ୍ଦୋଳିତ କରୁଚ଼ି ।ବାରମାସିଆ ବନା ଘରେ ରହି ଚାଷକାମ କରୁଥିଲା ଭାରି ଉଦ୍ଧତ ପ୍ରକୃତି ର ।ହଳ ଲଙ୍ଗଳ, ଦୁଇଟି ଧଳା ବଳଦ ଧରି ବିଲକୁ ଯାଇ ହଳ କରୁଥିବା ସମୟରେ ଗୋଟିଏ ବଡ଼ ବଳଦକୁ କେମିତି ବାଡ଼ିରେ ବାଡ଼ ?ଇ ଦେଲା ଯେ ବଳଦଟି ବିଲରେ ପଡ଼ି ମରିଗଲା। ଲୋକ ତାକୁ କେତେ କରି କହିଲେ,ଯା' ଚାନ୍ଦ୍ରାଣ ହେବୁ ଗୋରୁ ମାରିଚୁ ,ପାପ ଲାଗିବ । କିନ୍ତୁ ବନା କାହା କଥା ଶୁଣିଲା ନାହିଁ ।କାମ ଛାଡ଼ି ଘରକୁ ପଳେଇ ଗଲା ।ଦୀର୍ଘବର୍ଷ ର କଥା ଆଜି ଯାଏ ସେ ମନେରଖି ବଳଦଟାକୁ ଝୁରି ହେବା ସାର୍ ହେବ ଯାହା ଅନ୍ୟ ଉପାୟ ନାହିଁ।

ଝୋଟି ଚିତା ରେ ଭରି ଯାଇଥିବା ମାଟି କାନ୍ଥ ଭୁଶୁଡି ପଡ଼ିଲାଣି ।

ଚୁଲିଝିଙ୍କାରେ ଅନବରତ ସିଝୁଥିବା ଦରପୋଡ଼ା ଦେହଟା ଅଛି ହେଲେ ସେ ଚୁଲି ଝିଙ୍କା ନାହିଁ, ଧାନ ସିଝା ହାଣ୍ଡି ନାହିଁ,କି ଆଉ ଧାନ ମଧ୍ୟ ନାହିଁ। ଲଙ୍ଗଳ, ଯୁଆଳି (ମହୀପଟା) ,ମେରୀଖୁଣ୍ଟ, ଡାହୁଣୀ, ବଗିଚ଼ା, ଉଖୁଣି, ପହ୍ଳାଣ, ପେଣ୍ଟି,ଗଉଣି,ଦା' ବାହୁଙ୍ଗି, ଶେର,ସବୁ କାହିଁ କେଉଁ ଦିନରୁ ଏଠି ସେଠି ପଡ଼ି ଖତ ଖାଇଲାଣି। ସେସବୁକୁ ଆଉ ପଚାରେ କିଏ। ଆଧୁନିକ ଯୁଗରେ ସହର ର ଆକର୍ଷଣ ଚାକଚକ୍ୟ ଭିତରେ କିଏ କ'ଣ ଆଉ ବୁଝିପାରିବ ଭିଟାମାଟି କଥା ।ହସଖୁସିର ପରିବାର ଉପରେ କାହାର କାଳ ନଜର ପଡ଼ିଲା। ସୁନା ଫଳୁଥିବା ଧାନ ବିଲ, ବାଡ଼ିସ ବଗିଚ଼ା ସବୁ ବିକ୍ରୀ ହେବାକୁ ଲାଗିଲା। ଈର୍ଷା ରେ ଜଳି ପୋଡ଼ି ଯାଉଥିବା ମଣିଷ ଗୁଡ଼ାକ ନାକରେ ଆଙ୍ଗୁଠି ଗେଞ୍ଜି ହସିବାକୁ ଲାଗିଲେ।

ଶ୍ୱଶୁରଙ୍କ ସ୍ୱର୍ଗବାସ ହେବାପରେ ଧିରେଧିରେ ଘରର ପରିସ୍ଥିତି ବିଗିଡ଼ିବାକୁ ଲାଗିଲା ।ଆଉ ଆଗ ଭଳି ରହିଲାନି। ସତେକି ଯେମିତି ଲକ୍ଷ୍ମୀଛଡ଼ା ହୋଇଗଲା ବାଡ଼ି ଘର।

ସ୍ୱାମୀ ଚାକିରି ରୁ ଅବସର ନେବାପରେ ଜୀବନର ଅବଶିଷ୍ଟ ସମୟ ଘରେ ବିତେଇଲେ ସତ,କିନ୍ତୁ ନିଜକୁ ସବୁବେଳେ ଅସହାୟ ମନେ କରୁଥିଲେ, କୌଣସି ପିଲାମାନଙ୍କର ସହଯୋଗ ର ହାତ ତାଙ୍କ ପାଖରେ ନଥିଲା।

ମନସ୍ତାପ ଓ ଦୁଶ୍ଚିନ୍ତାର ଜାଲରେ ସେ ଛନ୍ଦି ?ହୋଇ କାଳାତିପାତ କରୁଥିଲେ। ବାର୍ଦ୍ଧକ୍ୟ ସମୟରେ ସମସ୍ତେ ଚାହାଁନ୍ତି ତାଙ୍କର ପିଲା ମାନଙ୍କ ଠାରୁ ସ୍ନେହ ଆଦର ପାଇ ଜୀବନ ବିତାଇବା ପାଇଁ। ଯଦି ସେତିକି ନମିଳେ ସେମାନଙ୍କ ବଞ୍ଚି ରହିବା ଦୁର୍ବିସହ ହୋଇପଡ଼ ?। ପାଖରେ ପଇସା ଥିଲେ କ'ଣ ହବ। ଭଲମନ୍ଦ ବୁଝିବାକୁ ମଣିଷ ଟିଏ ଲୋଡ଼ା ।ସେ ମଧ୍ୟ ହୃଦଘାତରେ ଆରପାରିକୁ ଚାଲିଗଲେ। ଯାହାଙ୍କ ସହିତ ଶେଷ ସମୟରେ ସୁଖଦୁଃଖ ବାଣ୍ଟି ଥାନ୍ତେ ,ସେ ତ ଆର ପାରିକୁ ଚାଲିଗଲେ ।ଆଉ କିଏ ଶୁଣିବ ବାକିତକ ଜୀବନର କଥା।

ସବୁ ସ୍ମୃତି ଛାତି ଭିତରେ ସାଇତି ହୋଇରହିଚ଼ି। କିଏ ଶୁଣିବ, କାହିଁକି ଶୁଣିବ,କାହା ପାଖରେ କ'ଣ ସମୟ ଅଛି ଶୁଣିବାକୁ।

ମତଲବି ଦୁନିଆ ହାଟରେ ଯିଏ ଯାହାର କାମରେ ଆଉ ମତଲବ ରେ ମସଗୁଲ୍। ମଗୁଶିର ଅପସରି ଯିବ । ଧାନ ଖଳା ମୁକୁଳା ପଡ଼ିଥିବ,ଗେଣ୍ଡୁଫୁଲ ଧିରେ ଧିରେ ମଉଳି ଯିବ, ସବୁଆଡ଼ ? ଶୁନଶାନ୍,ଉଦାସିଆ ଆଖି ଯୋଡ଼ିକ ଶେଷ ସୂର୍ଯ୍ୟାସ୍ତ ଦେଖୁଥିବା ଯାଏଁ ଅପେକ୍ଷା କରି ବସିଥିବ କାହା ଫେରିବାର ପାଦଶବ୍ଦ ଶୁଣିବାକୁ। କେଜାଣି ସେ ପାଦ ଶବ୍ଦ ଆଉ ଶୁଭିବ କି ନାହିଁ, ବୈଶାଖ ର ଝାଞ୍ଜି ଟା ଯେ ଭାରି ନିଷ୍ଠୁର। କେତେବେଳେ ଜାଳି ଦେବ କାହାକୁ ବା ଜଣା ।

ବାରିପଦା, ମୟୂରଭଞ୍ଜ
ମୋ :୮୯୧୭୫୭୧୨୦୨




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ? ରାମଙ୍କୁ ଆମେ କାହିଁକି ମାନିବୁ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିଓ୍ୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

—ଚିତ୍ତରଞ୍ଜନ ମହାପାତ୍ର
ଶିମୂଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪

## ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ାଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟ, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ

ବର୍ତ୍ତମାନର ସମୟକୁ ଦେଖିଲେ ଅନେକ ବ୍ୟସ୍ତବହୁଳ ଜୀବନ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ଏହା ଅନୁଭବୀ କରିଥାଏ ଯେ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆବହମାନ ସମୟରୁ ଆମ୍ଭେମାନେ ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। ମାଟି, ପାଣି ଓ ପବନରେ ଗଢ଼ା ଆମ ଏହି ସ୍ଥୁଳ ଶରୀର ଏବଂ ପ୍ରତିଟି ମଣିଷର ଶରୀର ତତ୍ତ୍ୱରେ ଏହି ତିନୋଟି ଉପାଦାନର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ଜୀବନ ଭିତରେ ସମସ୍ତେ ଅନେକ ସମୟରେ କ୍ଲାନ୍ତ ବା ଶରୀରର ଅବସନ୍ନ ଅନୁଭବ କରନ୍ତି। ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ଓ୍ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଶମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

## ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧିକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

## ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ାଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅର୍ଘ୍ୟ ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

## ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

## ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଏହି ଗୋମଙ୍ଗଳ ସମିତିରେ ୬୦ରୁ ଉର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଉର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ। ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି।

## ଅଶୁଭ ଶନିବାର ! ସିରିଜ ଦୁର୍ଘଟଣାରେ ଚ଼ାଲିଗଲା ୪ ଜୀବନ

ଭୁବନେଶ୍ୱର: ସକାଳୁ ସକାଳୁ ଭୟଙ୍କର ସଡକ ଦୁର୍ଘଟଣା । ଅକାଳରେ ଚ଼ାଲିଗଲା ୪ ମୂଲ୍ୟବାନ ଜୀବନ । ସିରିଜ ଦୁର୍ଘଟଣାରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି । ବାରିପଦା ତିରିଂ ଥାନା ବଡ଼ଡ଼ାଲିମା ଛକ ଏବଂ ବହଳଦା ଥାନା ବାଗଡେଗାରେ ଏହି ସିରିଜ ଦୁର୍ଘଟଣା ହୋଇଥିବା ସୂଚ଼ନା ରହିଛି । ଗୋଟିଏ ଟ୍ରକ୍? ଦୁଇଟି ପୃଥକ୍? ସ୍ଥାନରେ ଦୁର୍ଘଟଣା ଘଟାଇବାରୁ ୪ଜଣ ପ୍ରାଣ ହରାଇଛନ୍ତି । ତିରିଂରେ ୩ ଜଣଙ୍କୁ ଟ୍ରକଟି ଧକ୍କା ଦେବା କାରଣରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଆହତ ହୋଇଥିଲେ । ଏହାପରେ ଟ୍ରକଟି ଉକ୍ତ ସ୍ଥାନରୁ ଫେରାର ହୋଇଯାଇଥିବା ବେଳେ ୧୫ କିଲୋମିଟର ଦୂରରେ ପୁଣି ଦୁର୍ଘଟଣା ଘଟାଇଥିଲା ।

## ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡ଼ଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡ଼ଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧ୍ରୁନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଳବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ପର୍ଯ୍ୟବେକ୍ଷକ

Bhubaneswar Sunday December 01 | ଭୁବନେଶ୍ୱର ରବିବାର, ଡିସେମ୍ବର ୦୧,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮

# ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟଙ୍କ କଳିଙ୍ଗ କନ୍ୟା ସମ୍ମାନ



ପାରାଦୀପ,(ପି.ଏନ):ବ୍ୟାସ ଫାଉଣ୍ଡେସନ ଚ୍ୟାରିଟେବୁଲ ଟ୍ରଷ୍ଟ ମାଧମରେ ଜଗତସିଂହପୁର ଜିଲ୍ଲାରେ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ଦୀର୍ଘଦିନ ହେବ ସଂଖ୍ୟାଧିକ ବ୍ୟକ୍ତି ବିଶେଷଙ୍କର ଯେପରି ଭାବେ ତତ୍ତ୍ୱାବଧାନ ନେଇ ଆସୁଛନ୍ତି ତାହା ବାସ୍ତବିକ ଭାବେ ଅନନ୍ୟ ଓ ଅସାଧାରଣ। ରାସ୍ତା ପତିତ ମାନସିକ ଭିନ୍ନକ୍ଷମଙ୍କ ପ୍ରତି ପ୍ରଥମ ମହିଳା ଭାବେ ସ୍ନେହମୟୀ ସେମାନଙ୍କୁ ରାସ୍ତା କଡ଼ରୁ ଉଦ୍ଧାର କରି ବଞ୍ଚିବା ପାଇଁ ମୁଣ୍ଡ ଉପରେ ଛାତ ଓ ସୁରକ୍ଷା ପାଇଁ ଆବଶ୍ୟକୀୟ ମୌଳିକ ଆବଶ୍ୟକତାକୁ ପୂରଣ କରିବାରେ ସଫଳ ହୋଇ ପାରିଛନ୍ତି। ସମାଜର ନୈତିକ ମୂଲ୍ୟବୋଧର ଅବକ୍ଷୟକୁ ରୋକିବା ପାଇଁ ତାଙ୍କର ଆଧ୍ୟାତ୍ମିକ ପଦକ୍ଷେପ ବିଶେଷ କରି ଗୀତା ଜ୍ଞାନାଞ୍ଜନ ରୂପକ ପତ୍ରିକାର ପରିକଳ୍ପନା ତାଙ୍କୁ ସମାଜରେ ସମାଦୃତା ଓ ସମ୍ମାନୀତା କରି ପାରିଛି। ସ୍ନେହମୟୀଙ୍କର ସମାଜସେବାର ଏହି ବିବିଧ ପ୍ରକ୍ରିୟାକୁ ସମ୍ମାନ ଦେଇ ଅନେକ ସଙ୍ଗଠନ ତାଙ୍କୁ ଶ୍ରଦ୍ଧା ସମ୍ମାନ ଅର୍ପଣ କରିଛନ୍ତି। ସେହିପରି ଗତ ଶୁକ୍ରବାର ଦିନ ଭୁବନେଶ୍ୱର ସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷରେ ପ୍ରତିଭା ସମ୍ମାନ ଓଡ଼ିଶା ଟ୍ରଷ୍ଟ ତରଫରୁ ବିବିଧ ଜିଲ୍ଲାରୁ ମନୋନୀତା ୧୦୦ ଜଣ ମହିଳାଙ୍କୁ 'କଳିଙ୍ଗ କନ୍ୟା' ସମ୍ମାନ ପ୍ରଦାନ ଅବସରରେ ଜଗତସିଂହପୁର ଜିଲ୍ଲା ର ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଏହି ଗୌରବାବହ କଳିଙ୍ଗ କନ୍ୟା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ମହାପାତ୍ର, ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାଶ, ସମ୍ପାଦକ କ୍ଷେତ୍ର ମୋହନ ବେହେରା, ସମାଜସେବୀ ଅପର୍ଣ୍ଣା ନାୟକ, ଡକ୍ଟର ସବିତା ଆଚାର୍ଯ୍ୟ, ଉତ୍କଳ ବିଶ୍ୱ ବିଦ୍ୟାଳୟ କୁଳପତି ଡକ୍ଟର ସବିତା ପ୍ରଧାନ , ଓଡ଼ିଆ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ନେହମୟୀଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତା କରିଛନ୍ତି। ବିଶେଷ କରି ୨୦୦ ପୃଷ୍ଠା ସମ୍ବଳିତ ପ୍ରତ୍ୟେକ କଳିଙ୍ଗ କନ୍ୟାଙ୍କ ଉଦ୍ଦେଶ୍ୟରେ, ସେମାନଙ୍କ ସଫଳ ଓ କରୁଣ କାହାଣୀ ସ୍ମୃତି ବହନ କରୁଥିବା 'କଳିଙ୍ଗ କନ୍ୟା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସମ୍ମାନିତା ସ୍ନେହମୟୀ ଆତ୍ମବିଭୋର ହୋଇ ତାଙ୍କର ଏହି ସଫଳତାର ଶ୍ରେୟ ବ୍ୟାସ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ଓ ନିଜ ସ୍ୱାମୀ ଡଃ ସିଦ୍ଧେଶ୍ୱର ପଣ୍ଡାଙ୍କୁ ଉତ୍ସର୍ଗ କରିଛନ୍ତି। ତେବେ ତାଙ୍କର ଏହି କୃତିତ୍ୱ ପାଇଁ ପାରାଦୀପ ସମେତ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ ଶୁଭେଚ୍ଛା ଜଣାଇଛନ୍ତି ।

# ବିଜେବି ହାଇସ୍କୁଲରେ ଶହୀଦ ଦିବାକରଙ୍କ ୧୧୪ତମ ଜୟନ୍ତୀ

ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ବି.ଜେ.ବି ହାଇସ୍କୁଲର ୧୯୨୬ ମସିହାର ଛାତ୍ର ତଥା ରଣପୁରରେ ବେଜଲଗେଟ୍ ହତ୍ୟାକାଣ୍ଡ ଯୋଗୁଁ ଫାଶୀବରଣ କରିଥିବା ଶହୀଦ ଦିବାକର ପରିଡ଼ାଙ୍କର ୧୧୪ତମ ଜୟନ୍ତୀ ଉତ୍ସବ ହାଇସ୍କୁଲ ପରିସରରେ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ତଥା ତ୍ରିନାଥ ଚରଣ ସାହିତ୍ୟ ସଂସଦର ସଂପାଦିକା ଇତିଶ୍ରୀ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଶହୀଦ ଦିବାକରଙ୍କ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରି ତାଙ୍କ ଜାତୀୟ ଚେତନା ଓ ସଂଗ୍ରାମୀ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଶିବ ସୁନ୍ଦର ପଟ୍ଟନାୟକ, କଳିଙ୍ଗ ପାଇକ ସଂଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ଶିକ୍ଷକ ବିଭୁ ପ୍ରସାଦ ସେନାପତି, ସମାଜସେବୀ ନିରୋତମ ମାହାନ୍ତ ଓ ସମବାୟବିତ୍ ବିମଳ ଷଡ଼ଙ୍ଗୀ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ବିଭୁ ପ୍ରସାଦ ଜେନା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୪୨ ମୌଜାରେ ବହୁ ଦେବସ୍ୱ ଜମି ହଡ଼ପ ଯୋଜନା ଅଭିଯୋଗ

ଫୁଲନଖରା,(ପି.ଏନ) : ୪୨ ମୌଜା ଅନ୍ତର୍ଗତ ପ୍ରାୟ ସବୁ ଗ୍ରାମରେ ଅଧିଷ୍ଠାତା ଦେବୀ ଦେବତା ଓ ମନ୍ଦିର ନାମରେ ବହୁ ମୂଲ୍ୟବାନ ଜମି ସବୁକୁ କିଛି ପ୍ରତିପତଶାଳୀ ତଥା ଜମି ମାଫିଆ ଅସାଧୁ ଉପାୟରେ ହସ୍ତାନ୍ତର,ଜବରଦଖଲ ଓ ହଡ଼ପ କରିବା ଯୋଜନା କରୁଥିବା ସମ୍ବନ୍ଧରେ ଶ୍ରୀ ମହାବୀର ଯୁବ ପରିଷଦ ପକ୍ଷରୁ ଦେବୋତ୍ତର କମିଶନ ଓ ସଦର ତହସିଲଦାରଙ୍କୁ ଅଭିଯୋଗ କରାଯାଇଥିଲା । ବିଶେଷ କରି ଶ୍ରୀରାମ କାଉଡ଼ିଁ ଗ୍ରାମର ଶ୍ରୀ ଗୋପୀନାଥଙ୍କ ନାମରେ ୪୨ ମୌଜା ମୁଖ୍ୟ ରାସ୍ତା ପାର୍ଶ୍ୱରେ ପ୍ରାୟ ୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଚାଷ ଜମି ରହିଛି । ଯାହାକୁ ହଡ଼ପ କରିବା ପାଇଁ କିଛି ମୁଷ୍ଟିମେୟ ଗୋଷ୍ଠି ଗୁପ୍ତ କଙ୍ଗାରୁ କୋର୍ଟ ମାଧ୍ୟମରେ ଛକାପଞ୍ଝାରେ ବିକ୍ରି ଚୁକ୍ତିପତ୍ର ମଧ କରୁଥିବାର ପ୍ରମାଣ ଦିଆଯାଇଥିଲା।କଟକ ସଦର ତହସିଲ ପକ୍ଷରୁ ଏହି ଅଭିଯୋଗକୁ ଗୁରୁତ୍ୱ ପୂର୍ଣ୍ଣ ଭାବେ ଗ୍ରହଣ କରି ଅତିରିକ୍ତ ତହସିଲଦାର ସୋମେନ ବିଶ୍ୱାଳ ଓ ବେଣ୍ଟକାର ରାଜସ୍ୱ ସର୍କଲ ରାଜସ୍ୱ ନୀରିକ୍ଷକ ରଞ୍ଜିତ ବେହେରା ପରିଷଦର ସମ୍ପାଦକଙ୍କ ଉପସ୍ଥିତିରେ ବିବାଦୀୟ ଜମି ତଦନ୍ତ କରିଛନ୍ତି । ରାଜ୍ୟ ଦେବୋତ୍ତର କମିଶନ ଏହି ସମସ୍ୟାକୁ ଗୁରୁତ୍ୱ ଦେବା ସହିତ ୪୨ ମୌଜାର ସମସ୍ତ ମଠ ଓ ମନ୍ଦିର ଜମି ସୁରକ୍ଷିତ ରଖିବା ପାଇଁ ତଦନ୍ତ କରି ଦେବୋତ୍ତର କମିଶନ ଅନ୍ତର୍ଭୁକ୍ତ କରିବାକୁ ଶ୍ରୀ ମହାବୀର ଯୁବ ପରିଷଦ ସଭାପତି ଆଇନଜୀବୀ କେଶବ ଚନ୍ଦ୍ର କର,ସାଧାରଣ ସମ୍ପାଦକ ବସନ୍ତ ପଣ୍ଡା, ଚିନ୍ତାମଣି କର,ମାନସ ପଣ୍ଡା, କେଦାର ଚନ୍ଦ୍ର କର,ରିତିକ୍ ନାୟକ,ସୁରେନ୍ଦ୍ର ନାୟକ ଓ ପ୍ରକୃତି ବନ୍ଧୁ ନବକିଶୋର ପଣ୍ଡା ଦାବୀ କରିଛନ୍ତି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

# ତିନି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ସ୍ୱଚ୍ଛ ଭାରତ ଓ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଅନୁଷ୍ଠିତ

ବାଲେଶ୍ୱର,(ପି.ଏନ): ଓଡ଼ିଶାର ତିନୋଟି ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ' (କାଉନସିଲ), 'ସାବିତ୍ରୀ ଦେବୀ ଚ୍ୟାରିଟେବୁଲ୍ ଟ୍ରଷ୍ଟ ଭୁବନେଶ୍ୱର, 'ପୂର୍ବାଶା ତାରିଣୀ ମାଆ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ପ୍ରତିଷ୍ଠାନ ତରଫରୁ କଟକ ଐତିହାସିକ ବାଲିଯାତ୍ରା ସମାରୋହ ଅବସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ସହିତ ଡେଙ୍ଗୁ ନିରାକରଣ ଓ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଅନୁଷ୍ଠାନ ଗୁଡ଼ିକର ପ୍ରତିଷ୍ଠାତା ସଭାପତି ଗୋପବନ୍ଧୁ ମଲ୍ଲିକ, ପ୍ରାଧାପିକା ଓ ବିଶିଷ୍ଟ ଲେଖିକା ରଶ୍ମୀ ରାଉଳ ଓ ବନଶ୍ରୀ ମହାପାତ୍ର ବାରବାଟୀ ଷ୍ଟାଡ଼ିୟମ ଠାରେ ଅବସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ପଥପ୍ରାନ୍ତ ସଭା କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରାକ୍ତନ ମୁଖ୍ୟ ପ୍ରଫେସର ନିରଂଜନ ବାରିକ ଯୋଗ ଦେଇଥିଲେ। ସେ ସଭାକୁ ଉଦ୍‌ବୋଧନ ଦେଇ ସର୍ବସାଧାରଣଙ୍କୁ ସ୍ୱଚ୍ଛ ଭାରତ, ଡେଙ୍ଗୁ ନିରାକରଣ ତଥା ଟ୍ରାଫିକ ନିୟମର ପ୍ରଚାର ପାଇଁ କାମ କରିବା ସହିତ ଏହାର ଉପକାରିତା ବିଷୟରେ ଅବଗତ କରାଇଥିଲେ। ଏହି ତିନିଗୋଟି ଅନୁଷ୍ଠାନ ସମାଜ ପାଇଁ ସମର୍ପିତ ଥିବାରୁ ପ୍ରଫେସର ବାରିକ ଏହାର ସଭ୍ୟ ଓ ସଭ୍ୟାମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସଭାକୁ ସମ୍ବୋଧିତ କରି ସାବିତ୍ରୀ ଦେବୀ ଚ୍ୟାରିଟେବୁଲ୍ ଟ୍ରଷ୍ଟର ଅଧକ୍ଷା ରଶ୍ମୀ ରାଉଳ ସେମାନଙ୍କର ଅନୁଷ୍ଠାନ ଗୁଡ଼ିକ ସମାଜର ହିତ ପାଇଁ ଯେଉଁସବୁ କାମ କରୁଛି, ସେ ବିଷୟରେ ସୂଚନା ଦେଇଥିଲେ। ପଥପ୍ରାନ୍ତ ସଭା ପରେ ଏହି ତିନିଗୋଟି ଅନୁଷ୍ଠାନର ସଭ୍ୟସଭ୍ୟା ଯଥା ପ୍ରଫେସର ନିରଞ୍ଜନ ବାରିକ, ଲେଖିକା ରଶ୍ମୀ ଭାଉଜ, ସମାଜସେବୀ ବନଶ୍ରୀ ମହାପାତ୍ର, ଭବାନୀ ମଲ୍ଲିକ, ମଧୁସ୍ମିତା ଚୌଧୁରୀ, ଲିଜାରାଣୀ ସାହୁ, ତିଲୋତ୍ତମା ମଲ୍ଲ, ଗୋପବନ୍ଧୁ ମଲ୍ଲିକ, ପ୍ରଶାନ୍ତ କୁମାର ଦାସ, ଶତ୍ରୁଜିତ ମହାପାତ୍ର, ବିପ୍ଳବ କୁମାର ପଟ୍ଟନାୟକ, ସୁଧାକର ନାୟକ, ବସନ୍ତ କୁମାର ମଲ୍ଲିକ, ଦାମୋଦର ବରାଳ, ଅଭିମନ୍ୟୁ ଦାସ, ଶିବ ପ୍ରସାଦ ମହାନ୍ତି, ନିଗମ ପ୍ରସାଦ ଧଳ, ବିକାଶ ସାହୁ, ଗୌରୀ ରାଣୀ ସାହୁ, ପ୍ରଜ୍ଞା ମହାପାତ୍ର ଇତ୍ୟାଦି ସେମାନଙ୍କ ସଂଗଠନମାନଙ୍କର ପୋଷ୍ଟର ଓ ଇସ୍ତାହାର ପତ୍ର ଧରି ବାଲିଯାତ୍ରା ପରିକ୍ରମା କିରଥିଲେ ଏବଂ ସଡ଼କ ବ୍ୟବହାରୀଙ୍କ ପାଇଁ ମୋଟର ଯାନର ନିୟମ କାନୁନପତ୍ର ଦୋକାନୀମାନଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ଏ ବିଷୟରେ ଇଣ୍ଡୋଟିଭିର ମୁଖ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ଦାସ ଓ ବରିଷ୍ଠ ସମ୍ପାଦକ ଉଦୟ ଭାଇ ଫଟୋଚିତ୍ର ପ୍ରସ୍ତୁତ କରି ଦେଖଣାହାରୀଙ୍କୁ ଦେଇଥିଲେ।

# ପ୍ରାଣନାଥ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଜୟନ୍ତୀ

ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନରେ ରଣପୁର ପ୍ରଜା ଆନ୍ଦୋଳନର ଅମର ଶହୀଦ ଦିବାକର ପରିଡ଼ାଙ୍କର ଜୟନ୍ତୀ ଉତ୍ସବ ରାଜ୍ୟସ୍ତରୀୟ ଶହୀଦ ରଘୁଦିବାକର ସ୍ମୃତି କମିଟିର ସଭାପତି ସୌଦାମିନୀ ପାଇକରାୟଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ବିନୋଦିନୀ ମିଶ୍ର ଉଦ୍‌ଘାଟକ ରୂପେ ଯୋଗଦେଇ ପ୍ରେରଣାଦାୟୀ ଅଭିଭାଷଣ ରଖିଥିଲେ। ମହା ବିଦ୍ୟାଳୟର ଉପାଧ୍ୟକ୍ଷ ଡ.ପ୍ରଣବ କିଶୋର ମହାନ୍ତି ରାଜାମାନଙ୍କ ଶାସନରେ ବେଠି, ଭେଟି, ମାଗଣ, ରସଦ ଓ ଅନ୍ୟାୟ ଅତ୍ୟାଚାର ଉପରେ ସୂଚନା ଦେଇ ଶହୀଦ ଦିବାକର ପରିଡ଼ାଙ୍କ ସଂଗ୍ରାମୀ ଜୀବନୀ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧାପକ ଶୁଭେନ୍ଦୁ କୁମାର ମହାନ୍ତି ତାଙ୍କ ବକ୍ତବ୍ୟରେ ବିପ୍ଳବୀ ଦିବାକରଙ୍କୁ ଜଣେ ସ୍ୱାଭିମାନୀ, ସ୍ୱାଧୀନଚେତା ବ୍ୟକ୍ତି ଭାବେ ବର୍ଣ୍ଣନା କରିଥିଲେ। ଏକ ସଡ଼କବେଠି ଦେଖି ପ୍ରତିକ୍ରିୟାରେ ନରେନ୍ଦ୍ର ପ୍ରିଂଟି ପ୍ରେସର ସହକାରୀ ପରିଚାଳକ ପଦ ଛାଡ଼ି ଆନ୍ଦୋଳନକୁ ଲମ୍ଫ ପ୍ରଦାନ କରିଥିଲେ। ତାଙ୍କ ଭଳି ଦେଶମାତୃକା ସେବାର ଅନୁପ୍ରାଣିତ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଐତିହାସିକ ସତ୍ୟବାଦୀ ବଳିଆରସିଂହ କହିଲେ ମହାତ୍ମାଗାନ୍ଧୀ ୧୯୩୮ ମାର୍ଚ୍ଚ ମସରେ ଡ଼େଲାଙ୍ଗ ବେରବୋଇରେ ଯେଉଁ ୭ଦିନ ଥିଲେ ସେଠାରେ ରଘୁ-ଦିବାକର ଯୋଗ ଦେଇ ପ୍ରଭାବିତ ହୋଇଥିଲେ। ପୁନଶ୍ଚ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ପ୍ରାଣନାଥ ପଟ୍ଟନାୟକଙ୍କ ସହ ସମ୍ପର୍କ ରଖି ଆନ୍ଦୋଳନ ଚଳୁ କରିଥିଲେ। ମୁଖ୍ୟ ଅତିଥି ଡ଼. ପ୍ରତିଭାମୟୀ ମିତ୍ର ଗଡ଼ଜାତ ଆନ୍ଦୋଳନର ରୂପରେଖ ବର୍ଣ୍ଣନା କରିବା ସହ ରଘୁ-ଦିବାକରଙ୍କ ଭୂମିକା ଅବତାରଣା କରିଥିଲେ। ସଭାପତି ସୌଦାମିନୀ ପାଇକରାୟ ଦିବାକରଙ୍କ ବଳିଷ୍ଠ ଭୂମିକା ବର୍ଣ୍ଣନା କରିଥିଲେ। ପ୍ରାଧାପକ ଡ.ସୁବୋଧ କୁମାର ଜଗଦ୍ଦେବ ଅତିଥି ପରିଚୟ ଦେବାସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶହୀଦ ରଘୁଦିବାକର ସ୍ମୃତି କମିଟି ପକ୍ଷରୁ ଭୁବନେଶ୍ୱର ସମାଜସେବୀ ତଥା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ପରିଚାଳକ ଶରତ କୁମାର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଶ୍ରୀ ଦିବ୍ୟଲୋଚନ ଭାରିମଲ୍ଲ, ପ୍ରଫୁଲ୍ଲ କୁମାର ଦାସ, କୈଳାସ ଚନ୍ଦ୍ର ପୃଷ୍ଟି ଓ ପ୍ରହଲ୍ଲାଦ ବାରିକଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସାମାଜିକ କର୍ମୀ ସମରେଶ ପାଇକରାୟ ଧନ୍ୟବାଦ ଦେଇଥିଲେ। ଖୋର୍ଦ୍ଧା ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ସତ୍ୟନାରାୟଣ ସାମନ୍ତସିଂହାର ଓ ପର୍ଶୁରାମ ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ରାହ୍ମଣଝରିଲୋ ସେଣ୍ଟ୍ ଜାଭିୟର ହାଇସ୍କୁଲରେ ବିଜ୍ଞାନମେଳା



ଫୁଲନଖରା,(ପି.ଏନ): ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋସ୍ଥିତ ସେଣ୍ଟ୍ ଜାଭିୟର ହାଇସ୍କୁଲରେ ବିଜ୍ଞାନ,ଗଣିତ ଓ ସାମାଜିକ ବିଜ୍ଞାନ ମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଦିନ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ୪୨୦ଟି ବିଜ୍ଞାନ ପ୍ରକଳ୍ପ ପଦର୍ଶିତ ହୋଇଥିଲା । ଦ୍ୱିତୀୟ ଦିନ ୩୦୦ ଟି ଗଣିତ ଓ ସାମାଜିକ ବିଜ୍ଞାନ ପ୍ରଦର୍ଶନୀ କରାଯାଇଥିଲା । ଉଦଘାଟନ ଦିନ ନିଆଳି କଲେଜ ଜୁଲୋଜି ବିଭାଗ ମୁଖ୍ୟ ଡ଼ଃ ସତ୍ୟନାରାୟଣ ସାହୁ ମୁଖ୍ୟ ଅତିଥି ,ଚୌଦ୍ୱାର ଜାଭିୟର ସ୍କୁଲର ଅଧକ୍ଷ ଡ଼. ଶକ୍ତି ପ୍ରସାଦ ମହାନ୍ତି ମୁଖ୍ୟ ବକ୍ତା , ପ୍ରାକ୍ତନ ସ୍କୁଲ ଡ଼ିଇଆଇ ମହମ୍ମଦ ମୁସ୍ତାକ ଅଲ୍ଲୀ ,ଗୋଲାପ ମଞ୍ଜରି ମହାପାତ୍ର,ଆମନ୍ତ୍ରୀତ ଅତିଥି ରୂପେ ଯୋଗ ଦେଇ କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ ବୁଲି ଦେଖି ସେମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିନ ମୁଖ୍ୟ ଅତିଥି ସାଲେପୁର ଜାଭିୟର ସ୍କୁଲର ଚେୟାରମ୍ୟାନ ସତ୍ୟଶିବ ସୁନ୍ଦର କର, ସମ୍ମାନିତ ଅତିଥି ବ୍ରାହ୍ମଣଝରିଲୋ କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ମନୋରଂଜନ ମହାନ୍ତି,ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ବିଦ୍ୟାଳୟର ସଭାପତି ମହମ୍ମଦ ଇକବଲ ଅଲ୍ଲୀ , ପ୍ରତିଷ୍ଠାତା ସେକ୍ କଲ୍ଲିମ ଉଦ୍ଦିନ,ଅଧକ୍ଷ ସୟଦ ଶେହରିୟାର ଅଲ୍ଲୀ,ସଂପାଦିକା ଇଂ.ଜସ୍ମିନ ବେଗମ ପ୍ରମୁଖ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ, ପ୍ରିୟଙ୍କା ଦାସ,ଶିକ୍ଷକ ସୌମ୍ୟକାନ୍ତ ପଟ୍ଟନାୟକ,ବିଜୟ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲାବେଳେ ବିଚାରକ ମଣ୍ଡଳୀ ପ୍ରକଳ୍ପ ଗୁଡ଼ିକୁ ମୂଲ୍ୟାଙ୍କନ କରିଥିଲେ ।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray